ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US ON TWITTER
twitter.com/paryabekhyak

Vol.25 . No.55 Bhubaneswar Thursday, April 07, 2022 | ୨୫ତମ ବର୍ଷ ସଂଖ୍ୟା-୫୫ ଭୁବନେଶ୍ୱର, ଗୁରୁବାର, ଅପ୍ରେଲ ୦୭, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ହକି ପାଣ୍ଠି ଅନିୟମିତତା: ସିବିଆଇ ତଦନ୍ତ ଆରମ୍ଭ, ଓଡିଶାରେ ଛନକା



ଭୁବନେଶ୍ୱର,୬।୪(ପି.ଏନ): ହକି ପାଣ୍ଠିର ତୋଷାରପାତ ଅଭିଯୋଗରେ ଇଣ୍ଟରନ୍ୟାସନାଲ ହକି ଫେଡ ?ରେସନ(ଏଫଆଇଏଚ୍) ସଭାପତି ନରିନ୍ଦର ବ୍ରତାଙ୍କ ବିରୁଦ୍ଧରେ ସିବିଆଇ ତଦନ୍ତ ଆରମ୍ଭ ହୋଇଥିବାବେଳେ ଓଡିଶାରେ ଏହାର କମ୍ପନ ସୃଷ୍ଟି ହୋଇଛି ।ଭୁବନେଶ୍ୱରରେ ସମ୍ମାନଜନକ ବିଶ୍ୱକପ୍ ହକି-୨୦୧୮ ମ୍ୟାଚ୍ ଆୟୋଜନ କରି ଓଡିଶା ସମଗ୍ର ବିଶ୍ୱରେ ଚ଼ର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା, ମାତ୍ର ଶ୍ରୀ ବ୍ରତାଙ୍କ ସହଯୋଗରେ ଏହି ମ୍ୟାଚ୍ ଆୟୋଜନ ଆଳରେ ରାଜ୍ୟର କିଛି ବରିଷ୍ଠ ପ୍ରଶାସନିକ ଅଧିକାରୀ ଏଭଳି ଢଙ୍ଗରେ କୋଟି କୋଟି ଟଙ୍କା ରାଜସ୍ୱ ଲୁଟ୍ କଲେ, ଯାହା ଏବେବି ରହସ୍ୟଘେରରେ ରହିଛି । ଏବେ ଶ୍ରୀ ବ୍ରତାଙ୍କ ସମେତ ହକି ଇଣ୍ଡିଆର କିଛି ଅଧିକାରୀଙ୍କ ବିରୁଦ୍ଧରେ ସିବିଆଇ ତଦନ୍ତ ଆରମ୍ଭ ହୋଇଥିବାରୁ ଓଡିଶାରେ ହକି ଇଣ୍ଡିଆ ସହ ଆର୍ଥିକ କାରବାରରେ ସମ୍ପୃକ୍ତ ଥିବା କିଛି ଆଇଏଏସ ଅଫିସରଙ୍କୁ ମଧ ସିବିଆଇ ଜେରାର ସମ୍ମୁଖୀନ ହେବାକୁ ପଡିପାରେ ବୋଲି ଜଣାପଡିଛି ।ଖବର ସରବରାହ ସଂସ୍ଥା 'ଏଏନଆଇ' ସୂଚ଼ନା ଅନୁସାରେ, ଏଫଆଇଏଚ୍ ସଭାପତି ଶ୍ରୀ ବ୍ରତା ହକି ଇଣ୍ଡିଆ ପାଣ୍ଠିରୁ ପ୍ରାୟ ୩୫ଲକ୍ଷ ଟଙ୍କା ନିଜ ବ୍ୟକ୍ତିଗତ ଖର୍ଚ୍ଚ ପାଇଁ ନେଇଛନ୍ତି । ଯେଉଁ ଅଭିଯୋଗ ଆଧାରରେ ସିବିଆଇ ତାଙ୍କ ବିରୁଦ୍ଧରେ ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହ ତାଙ୍କୁ ଜେରା କରିବାର ସମ୍ଭାବନା ରହିଛି ବୋଲି ଏଏନଆଇ କହିଛି ।ଏପଟେ ଶ୍ରୀ ବ୍ରତାଙ୍କ ସହ ବେଶ୍ ଘନିଷ୍ଠ ସମ୍ପର୍କ ରଖିଥିବା ରାଜ୍ୟର କିଛି ବରିଷ୍ଠ ଆଇଏଏସ୍ ଅଫିସରଙ୍କ ମଧ୍ୟରେ ଏବେ ଛନକା ପଶିଛି । କାରଣ ୨୦୧୮ ବିଶ୍ୱକପ୍ ହକି ମ୍ୟାଚ୍ ଆୟୋଜନ ପାଇଁ ରାଜ୍ୟ ରାଜକୋଷରୁ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ତା'ର ସଠିକ୍ ହିସାବ ଏପର୍ଯ୍ୟନ୍ତ ସମ୍ପୃକ୍ତ ପ୍ରଭାବଶାଳୀ ଅଫିସରମାନେ ଦେଇନାହାନ୍ତି । ଏପରିକି ସିଏଜି ମଧ ଅଡିଟ୍ କରିବାକୁ ଚ଼ାହିଁବାରୁ ତାଙ୍କୁ ଏସବୁ ତଥ୍ୟ ଦେବାରେ ସହଯୋଗ ମଧ କରିନଥିଲେ ।ରାଜ୍ୟ ସରକାରଙ୍କ ବିଭିନ୍ନ ଏଜେନ୍ସୀ ଯଥା- ଓଏମସି , ଇଡକୋ, ବିଡିଏ ଓ ବିଏମସି ଆଦିରୁ ଅର୍ଥ ଆଣି ଏହି ବିଶ୍ୱକପ୍ ହକି ଆୟୋଜନ କରାଯାଇଥିଲା । କିନ୍ତୁ ବାସ୍ତବରେ କେତେ ଟଙ୍କା ଆସିଥିଲା ତାହା ଏବେବି ଅସ୍ପଷ୍ଟ ରହିଛି । ଯଦିଓ ୨୦୨୧ ମାର୍ଚ୍ଚ ମାସରେ ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ରାଜ୍ୟ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ୨୦୧୮ ବିଶ୍ୱକପ୍ ହକି ମ୍ୟାଚ୍ ପାଇଁ ମାତ୍ର ୬୬.୯୮କୋଟି ଟଙ୍କା ଖର୍ଚ୍ଚ ହୋଇଛି ବୋଲି କହିଥିଲେ । ମାତ୍ର ବିଶ୍ୱକପ୍ ହକି ଆୟୋଜନବେଳେ ଯେଉଁ ଢଙ୍ଗରେ ଦେଶବିଦେଶରେ ପ୍ରଚ଼ାର-ପ୍ରସାର ଓ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମମାନ ହେଉଥିଲା, ସେହି ଖର୍ଚ୍ଚ ପରିମାଣ ଯେ ଏହାଠୁ ଢେର ଅଧିକ ଥିଲା ତାହା ଜଳଜଳ ହୋଇ ଦିଶୁଥିଲା ।କୋଟି କୋଟି ଟଙ୍କାର ଷ୍ଟାରନାଇଟ୍ ଆୟୋଜନଠୁ ଆରମ୍ଭ କରି ଚ଼ ?ାଦରରେ ବିଜ୍ଞାପନ ଦେଇ ଜାତୀୟ ଓ ବିଦେଶୀ ମିଡିଆକୁ ସନ୍ତୁଷ୍ଟ କରାଯାଉଥିଲା । ଆଉ ଏସବୁ ଭିତରେ ହକି ଇଣ୍ଡିଆଠୁ ସହଯୋଗ ପାଇବାକୁ ଏଫଆଇଏଚ୍ ସଭାପତି ଶ୍ରୀ ବ୍ରତାଙ୍କୁ ତୁଷ୍ଟୀକରଣ କରାଇବା ପାଇଁ ଓଡିଶାର କିଛି ନିର୍ଦ୍ଦିଷ୍ଟ ଆଇଏଏସ୍ ଅଫିସର ଲାଗି ପଡିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବାଠୁ ଆରମ୍ଭ କରି ସବୁକିଛି ପ୍ରାୟୋଜିତ କାର୍ଯ୍ୟକ୍ରମ ଏହି ଆଇଏଏସ୍ ଅଫିସରମାନେ କରାଇ ବାହାବା ନେଇଥିଲେ । ଏବେ ସିବିଆଇ ସ୍କାନରକୁ ଶ୍ରୀ ବ୍ରତା ଓ ହକି ଇଣ୍ଡିଆର ଅଧିକାରୀମାନେ ଆସିବା ପରେ ଓଡିଶା ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଆର୍ଥିକ କାରବାର ମଧ ଯାଂଚ୍ ହେବାର ଆଶଙ୍କା ରହିଛି । ଆଉ ଏହା ହିଁ ରାଜ୍ୟର କିଛି ପ୍ରଭାବଶାଳୀ ଆଇଏଏସ୍ ଅଫିସରମାନଙ୍କ ମନରେ ଛନକା ବ ?ାଇ ଦେଇଥିବା ଜଣାପଡିଛି ।ଚ଼ର୍ଚ୍ଚା ହୁଏ, ୨୦୧୮ ହକି ମ୍ୟାଚ୍ ଆୟୋଜନ ଆଳରେ ସେହି ବିଭାଗ ସହ ଜଡିତ ଥିବା ରାଜ୍ୟର ଦୁଇ ଅଣଓଡିଆ ଆଇଏଏସ୍ ଅଫିସର ରାଜ୍ୟ ବାହାରେ ବହୁ କୋଟି ଟଙ୍କାର ଦାମୀ ବଙ୍ଗଳା କିଣିବାରେ ସକ୍ଷମ ହୋଇଛନ୍ତି ।

## ଆଜି କଟକ ଡେପୁଟି ମେୟର ନିର୍ବାଚନ

ଭୁବନେଶ୍ୱର, ୬।୪(ପି.ଏନ): ଆସନ୍ତାକାଲି (ଗୁରୁବାର) କଟକ ମହାନଗର ନିଗମ ଡେପୁଟି ମେୟର ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ପରୋକ୍ଷ ଭୋଟିଂ ହେବ। ୨ରୁ ଅଧିକ ପ୍ରାର୍ଥୀ ରହିଲେ, ରାଉଣ୍ଡ ୱାରି ଭୋଟିଂ ହେବ । ପ୍ରତି ରାଉଣ୍ଡରେ କମ୍ ଭୋଟ ପାଉଥିବା ଜଣେ ଲେଖାଏଁ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତାରୁ ଓହରିବେ । ଶେଷ ଦୁଇ ଜଣଙ୍କ ମଧ୍ୟରେ ଚୂଡ଼ାନ୍ତ ଲଢ଼େଇ ହେବ ।ଦଳ ବଦଳ ବିରୋଧ ଆଇନ ଲାଗୁ ହୋଇଥିବାରୁ ରାଜନୈତିକ ଦଳ ନିଜ ପ୍ରତିନିଧି ଦେଇପାରିବେ । ଏଭଳି କ୍ଷେତ୍ରରେ ଭୋଟ ବେଳେ ଦଳୀୟ କାଉନସିଲର ଓ କର୍ପୋରେଟର ସେମାନଙ୍କୁ ନିଜ ଭୋଟ ଦେଖାଇ ଭୋଟ ଦେବେ ।ପୌରସଂସ୍ଥାର ଉପାଧ୍ୟକ୍ଷ ପଦବୀ ପାଇଁ ଅପ୍ରେଲ ୭ ତାରିଖ ସକାଳ ୧୦ଟାରୁ ୧୧ଟା ମଧ୍ୟରେ ନାମାଙ୍କନ ପତ୍ର ଦାଖଲ, ସେହିଦିନ ୧୧ଟାରୁ ୧୨ଟା ମଧ୍ୟାହ୍ନ ସୁଦ୍ଧା ନାମାଙ୍କନ ପତ୍ର ଯାଂଚ, ଦିନ ୧ଟା ପୂର୍ବରୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର, ସେହିଦିନ ୧.୩୦ମି.ରୁ ୩.୩୦ ମି. ଭୋଟ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ମତଦାନ, ମତଦାନ ପରେ ପରେ ସେହିଦିନ ଭୋଟଗଣତି ଓ ଭୋଟଗଣତି ପରେ ପରେ ନିର୍ବାଚନ ଫଳାଫଳ ଘୋଷଣା କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ଅପରପକ୍ଷରେ ବ୍ରହ୍ମପୁର ମହାନଗର ନିଗମ ପାଇଁ ଅପ୍ରେଲ ୮ ତାରିଖ ଏବଂ ଭୁବନେଶ୍ୱର ମହାନଗର ନିଗମ ଡେପୁଟି ମେୟର ନିର୍ବାଚନ ପାଇଁ ଅପ୍ରେଲ ୯ ତାରିଖ ଦିନ ନିର୍ବାଚନ ଅନୁଷ୍ଠିତ ହେବ। ରାଜ୍ୟ ମୁନିସିପାଲିଟି ପ୍ରଶାସନର ନିର୍ଦ୍ଦେଶକଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି । ଡେପୁଟି ମେୟର ନିର୍ବାଚନ ପାଇଁ ନିର୍ଦ୍ଧାରିତ ନିର୍ବାଚନ ଦିନ ସକାଳ ୧୦ଟାରୁ ୧୧ଟା ମଧ୍ୟରେ ନାମାଙ୍କନ ପତ୍ର ଦାଖଲ, ୧୧ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ନାମାଙ୍କନ ପତ୍ର ଯାଂଚ, ଦିନ ୧ଟା ମଧ୍ୟରେ ନାମାଙ୍କନ ପତ୍ର ପ୍ରତ୍ୟାହାର ଓ ସେହିଦିନ ୧.୩୦ମି.ରୁ ମତଦାନ ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ ମତଦାନ ଜାରି, ମତଦାନ ପରେ ପରେ ଭୋଟଗଣତି ଓ ଭୋଟଗଣତି ପରେ ପରେ ସେହିଦିନ ନିର୍ବାଚନ ଫଳାଫଳ ଘୋଷଣା କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।



ବାରିପଦାରେ ନବରାତ୍ରି ଅବସରରେ ମା ଅମ୍ବିକାଙ୍କ (ଛିନୋମୋସ୍ତା ବେଶ)

## ଗୋଟିଏ ଦିନରେ ୧୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୬।୪(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୭୭୩ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୩୬୭ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୩୨ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୬ ଜଣଙ୍କ ମଧ୍ୟରୁ ୧୦ ଜଣ ସଂଗରୋଧରୁ ହୋଇଥିବା ବେଳେ ୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗତ ୨୪ ଘଂଟା ମଧ୍ୟରେ ବଲାଙ୍ଗୀର ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଯାଜପୁର ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଧା ଜିଲ୍ଲାରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ରାୟଗଡା ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁର ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ ଜିଲ୍ଲାରୁ ଜଣେ ସଂକ୍ରମିତ ହୋଇ ଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଅନ୍ୟ ୨୩ ଟି ଜିଲ୍ଲା ଓ ଷ୍ଟେଟ ପୁଲରୁ ଜଣେ ହେଲେ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ବିଜେଡିରେ ମିଶିଲେ ସ୍ୱାଧୀନ କର୍ପୋରେଟର

ଭୁବନେଶ୍ୱର, ୬।୪(ପି.ଏନ): ଭୁବନେଶ୍ୱର ମହାନଗର ନିଗମର ୯ ନମ୍ବର ୱାର୍ଡର ସ୍ୱାଧୀନ କର୍ପୋରେଟର ସୁଷମା ସାହୁ ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ସୁଷମା ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା ବି ନିର୍ଦ୍ଦେଶ ଦେବେ, ତାକୁ ପାଳନ କରି କାମ କରିବେ। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଉତର ଭୁବନେଶ୍ୱର ବିଧାୟକ ସୁଶାନ୍ତ ରାଉତ ଉପସ୍ଥିତ ଥିଲେ ।ଚଳିତ ଥର ବିଏମସି ନିର୍ବାଚନରେ ବିଜେଡ଼ି ପ୍ରାର୍ଥିନୀ ସୂର୍ଯ୍ୟକାନ୍ତି ଜେନାଙ୍କୁ ହରାଇ ଥିଲେ ସୁଷମା। ସେ ଚଳତି ପୌର ନିର୍ବାଚନରେ ବିଜେଡି ଟିକେଟ ନ ପାଇ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଥିଲେ । ୫୬୭ ଖଣ୍ଡ ଭୋଟରେ ସେ ଜିତିଥିଲେ ।

## ଜାଲ୍ ସାର୍ଟିଫିକେଟ ଦେଇ ଆଡମିଶନ କରିଥିଲେ ଦଣ୍ଡିତ ହେବେ : ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୬।୪(ପି.ଏନ): ଜାଲ ସାର୍ଟିଫିକେଟ ଦେଇ ଯଦି କେହି ଆଡମିଶନ କରିଛନ୍ତି, ତାହେଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି କହିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ। ଯଦି ଆଉ କେଉଁଠି ମଧ ଏପରି ହୋଇଥାଏ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତୁରନ୍ତ ତର୍ଜମା କରି ଯାହା ପଦକ୍ଷେପ ନିଆଯିବା କଥା ତାହା ନେବି। ବିଜେବି କଲେଜରେ ଜାଲ୍ ଦିବ୍ୟାଙ୍ଗ ସାର୍ଟିଫିକେଟ ଜରିଆରେ ଆଡମିସନ୍ ଘଟଣାରେ ପ୍ରତିକ୍ରିୟା ଦେଇ ସେ ଏହା କହିଛନ୍ତି।

## ହୀରାକୁଦ ଉପରେ ନିର୍ମାଣ ହେବ ହାଇ ଲେଭଲ ସେତୁ

ଭୁବନେଶ୍ୱର, ୬।୪(ପି.ଏନ):ହୀରାକୁଦ ଜଳ ଭଣ୍ଡାର ଉପରେ ଏକ ହାଇ ଲେଭଲ ବ୍ରିଜ୍ ନିର୍ମାଣ ହେବ। ଏଥିସହ ବରଗଡ-ଭଟଲି-ଅମ୍ବାବନା ଓ ପଦ୍ମପୁର-ପାଟଣାଗଡ ରାସ୍ତାର ଉନ୍ନତିକରଣ ହେବ। ଏଥିପାଇଁ କେନ୍ଦ୍ର ସଡକ ପରିବହନ ମନ୍ତ୍ରଣାଳୟ ଅର୍ଥ ମଂଜୁର କରିଛି। ଏସମ୍ପର୍କରେ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ ଗଡକରି ବରଗଡ ସାଂସଦ ସୁରେଶ ପୂଜାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏଥିଲାଗି ସାଂସଦ କେନ୍ଦ୍ରମନ୍ତ୍ରୀ ଟୁଇଟ୍ କରି ଧନ୍ୟବାଦ ଜଣାଇଛନ୍ତି। ଏହାପରେ ସାଂସଦ ଶ୍ରୀ ପୂଜାରୀ ଟୁଇଟ୍ କରି କହିଛନ୍ତି ଝାରସୁଗୁଡା-ବରଗଡ କୁ ଯୋଡିବା ପାଇଁ ମହାନଦୀ ଜଳଭଣ୍ଡାର ଉପରେ ସେତୁ ନିର୍ମାଣ ପାଇଁ ୨୭୪ କୋଟି ମଂଜୁର କରାଯାଇଛି। ଏଥିସହ ବରଗଡ-ଭଟଲି-ଅମ୍ବାବନା ଓ ପଦ୍ମପୁର-ପାଟଣାଗଡ ରାସ୍ତାର ଉନ୍ନତିକରଣ ଆଦି ପାଇଁ ଓଡିଶାକୁ ୧୭୨୬.୨୨ କୋଟି ଟଙ୍କା ରୁ ସର୍ବମୋଟ ୩୬୮.୫ କୋଟି ଟଙ୍କା ମଂଜୁର କରାଯାଇଛି। ସେଂଟ୍ରାଲ ରୋଡ୍ ଆଣ୍ଡ ଇନଫ୍ରାଷ୍ଟ୍ରକଚର ଫଣ୍ଡ୍ (ସିଆରଆଇଏଫ) ରୁ ଏହି ଟଙ୍କା ମଂଜୁର ହୋଇଛି। ଉଲ୍ଲେଖ୍ୟଯୋଗ୍ୟ ଯେ ସାଂସଦ ଶ୍ରୀ ପୂଜାରୀ ଉପରୋକ୍ତ ପ୍ରକଳ୍ପ ନେଇ କେନ୍ଦ୍ରମନ୍ତ୍ରୀ ଗଡକରୀଙ୍କୁ ଅନୁରୋଧ କରିଥିଲେ।

## ମେମୋରୀ ଚ଼ିପ୍ ପାଇଁ ଶର୍ମିଷ୍ଠାଙ୍କୁ ମାନସ ମାଗିଥିଲେ ୧୦ ହଜାର ଟଙ୍କା !





ଭୁବନେଶ୍ୱର,୬।୪(ପି.ଏନ): ମେମୋରୀ ଚ଼ିପ୍ ପାଇଁ ସଂପୂର୍ଣ୍ଣ ୱେବ୍ ପୋର୍ଟାଲ୍ର ମାଲିକାଣୀ ଶର୍ମିଷ୍ଠା ରାଉତଙ୍କୁ କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ୧୦ ହଜାର ଟଙ୍କା ମାଗିଥିଲେ ! ଆଜି ଏପରି ଚ଼ାଞ୍ଚଲ୍ୟକର ବୟାନ୍ ? ଦେଇଛି କ୍ରାଇମବ୍ରାଞ୍ଚ। ଦ୍ୱିତୀୟ ଥର ପାଇଁ ଶର୍ମିଷ୍ଠା ଓ ଝୁନା ଭୋଇକୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ନେଇ ଜେରା କରିବା ବେଳେ ଏପରି ତଥ୍ୟ ହାତେଇଛି। ତେବେ ମେମୋରୀ ଚ଼ିପ୍ କେଉଁଠି ରହିଛି ? ତାହାର ପତ୍ତା ପାଇନି କ୍ରାଇମବ୍ରାଞ୍ଚ ।କ୍ରାଇମବ୍ରାଞ୍ଚ ଜାରି କରିଥିବା ପ୍ରେସ୍ରିଲିଜ୍ରୁ ଜଣାପଡିଛି, ସଂପୂର୍ଣ୍ଣ ୱେବ୍ ପୋର୍ଟାଲ୍ର ମାଲିକାଣୀ ଶର୍ମିଷ୍ଠା ରାଉତଙ୍କ ପାଖରେ କ୍ୟାମେରାମ୍ୟାନ୍ ଭାବେ କାମ କରୁଥିଲେ ମାନସ ସ୍ୱାଇଁ। ସେ ଜାନୁଆରୀ ୧୦ ତାରିଖ ପରଠାରୁ ଦୟାଲ ଆଶ୍ରମରେ ରହୁଥିଲେ। ଜାନୁଆରୀ ୩୦ ତାରିଖରେ ମାନସଙ୍କୁ ଶର୍ମିଷ୍ଠା ଓ ପୂର୍ବତନ ସୂଚ଼ନା ଓ ଲୋକ ସମ୍ପର୍କ ବିଭାଗର (ଟେକ୍ନିକାଲ୍) ନିର୍ଦ୍ଦେଶକ ନିରଞ୍ଜନ ସେଠୀ ସଂପୂର୍ଣ୍ଣ ଅଫିସକୁ ଡାକିଥିଲେ। ସେଠାରେ ତାଙ୍କୁ ଉଭୟ ମେମୋରୀ ଚ଼ିପ୍ ଓ ଶୁଟିଂ ହୋଇଥିବା ଭିଡିଓ ମାଗିବା ସହ ମାଡ଼ ମାରିଥିଲେ। ସଂକପୂର୍ଣ୍ଣ ଅଫିସରେ ମାଡ଼ ମାରିବା ପରେ ତାଙ୍କୁ ସେଠାରୁ ଦୟାଲ ଆଶ୍ରମ ନେଇ ଯାଇଥିଲେ। ଦୟାଲ ଆଶ୍ରମରେ ମାନସଠାରୁ ତାଙ୍କ କ୍ୟାମେରା ଛଡ଼ାଇ ନେଇଥିଲେ। ଘଟଣାର ପରଦିନ ମାନସ ଦୟାଲ ଆଶ୍ରମ ଛାଡ଼ି ଅନ୍ୟତ୍ର ରହୁଥିଲେ। ଅନ୍ୟତ୍ର ରହିବା ପରେ ଶର୍ମିଷ୍ଠାଙ୍କଠାରୁ ୧୦ ହଜାର ଟଙ୍କା ଦାବି କରିଥିଲେ। ମେମୋରୀ ଚ଼ିପ୍ ଫେରାଇବା ପାଇଁ ୧୦ ହଜାର ଟଙ୍କା ଓ କ୍ୟାମେରା ଦାବି କରିଥିଲେ। ପରେ ୫ ତାରିଖରେ ମାନସ ଚ଼ାନ୍ଦବାଲି ଯାଇଥିବା ବେଳେ ଅପହୃତ ହୋଇଥିଲେ। ତଦନ୍ତ ଅନୁସାରେ ଶେଷ ପର୍ଯ୍ୟନ୍ତ ମାନସଙ୍କ ପାଖରେ ଥିଲା ଚ଼ିପ୍। ମାନସଙ୍କ ଘର ସହ ବିଭିନ୍ନ ଜାଗାରେ ସର୍ଚ୍ଚ କରିଥିଲେ ମଧ ଚ଼ିପ୍ ମିଳିନି ବୋଲି କ୍ରାଇମବ୍ରାଞ୍ଚ ପ୍ରେସ୍ ରିଲିଜ୍ରେ ଦର୍ଶାଇଛି ।ମେମୋରୀ ଚ଼ିପ୍ ପାଇବା ପାଇଁ କ୍ରାଇମବ୍ରାଞ୍ଚ ଟିମ୍ ଭୁବନେଶ୍ୱରରେ ମାନସ ରହୁଥିବା ଦୁଇ ସ୍ଥାନ ଓ ନୟାଗଡର ରଣପୁରରେ ଖୋଜିଥିଲା। ମାତ୍ର ବର୍ତ୍ତମାନ ସୁଦ୍ଧା ମେମୋରୀ ଚ଼ିପ୍ ବିଷୟରେ କ୍ରାଇମବ୍ରାଞ୍ଚ ତଥ୍ୟ ପାଇନାହିଁ। ତେବେ ଏଠି ପ୍ରଶ୍ନ ଉଠୁଛି ମାନସ କେଉଁଠି ରଖିଲେ ମେମୋରୀ ଚ଼ିପ୍ ସେହି ମେମୋରୀ ଚ଼ିପ୍ରେ କଣ ରହିଛି ଯାହା ଆଲୋଚ଼ନା ହେଉଛି, ସେଥିରେ ଅଶ୍ଳୀଳ ଭିଡିଓ ନାହିଁ !

## ଦରଦାମ ବୃଦ୍ଧି ବିରୋଧରେ ଯୁବ କଂଗ୍ରେସର ପ୍ରତିବାଦ

ଭୁବନେଶ୍ୱର, ୬।୪(ପି.ଏନ): ତୈଳ ଓ ରନ୍ଧନ ଗ୍ୟାସ ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ବିରୋଧରେ ବୁଧବାର ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଅଭିନବ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ କର୍ମୀମାନେ ବରମୁଣ୍ଡା ବସ୍ଷ୍ଟାଣ୍ଡରୁ ବିଶାଳ ଶୋଭାଯାତ୍ରାରେ ଯାଇ ବରମୁଣ୍ଡା ପେଟ୍ରୋଲ ପମ୍ପ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ଲାକାର୍ଡ ବାଂଟି ଲୋକଙ୍କୁ ସଚେତନ କରିଥିଲେ। ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା ଏକ ବାଇକ ଲଦି ଟ୍ରଲି ଟାଣିବା ସହ ତୈଳ ଓ ରନ୍ଧନ ଗ୍ୟାସ ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ହ୍ରାସ ପାଇଁ ଦାବି ଜଣାଇଥିଲେ ।ଏହି ଅବସରରେ ଡ. ଲେଙ୍କା କହିଛନ୍ତି ଯେ କେନ୍ଦ୍ରର ମୋଦି ସରକାର ଅଚ୍ଛେ ଦିନର ସୁନେଲି ସ୍ୱପ୍ନ ଦେଖାଇ ଦେଶର ଜନସାଧାରଣଙ୍କୁ ପ୍ରତାରିତ କରିଛନ୍ତି। ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳଦର ବୃଦ୍ଧି ଏବଂ ୟୁକ୍ରେନ ଓ ଋଷ ଯୁଦ୍ଧର ଆଳ ଦେଖାଇ କିଛି ମାସ ହେଲା କ୍ରମାଗତ ଭାବେ ତୈଳ ଦର ବଢ଼ାଇ ଚାଲିଛନ୍ତି। ଗତ ୧୫ ଦିନରେ ପେଟ୍ରୋଲ ଓ ଡିଜେଲ ଦର ୯.୨୦ ଟଙ୍କା ବୃଦ୍ଧି ପାଇଛି। ସେପଟେ ରନ୍ଧନ ଗ୍ୟାସ ଦର ମଧ ଆକାଶ ଛୁଆଁ ହେଲାଣି। ସେ କହିଛନ୍ତି ଯେ, ନିର୍ବାଚନ ଆସିବା ସମୟରେ ମୋଦି ସରକାର କିଛିଦିନ ପାଇଁ ଦରଦାମ ଉପରେ ନିୟନ୍ତ୍ରଣ ରଖି ଜନସାଧାରଣଙ୍କ ଭୋଟ୍ ହାତେଇବାକୁ ଚେଷ୍ଟା କରୁଛନ୍ତି। ମାତ୍ର ନିର୍ବାଚନ ସରିବା ପରେ ହଠାତ୍ ଦରଦାମ ବଢ଼ାଇ ସେମାନଙ୍କୁ ପ୍ରତାରିତ କରୁଛନ୍ତି। ତେଣୁ ସରକାର ତୁରନ୍ତ ଏଭଳି ହୀନ ରାଜନୀତିରୁ ଓହରି ଦରଦାମ ନିୟନ୍ତ୍ରଣ ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ। ନଚେତ ଆଗାମୀ ଦିନରେ ଯୁବ କଂଗ୍ରେସ ରାଜ୍ୟବ୍ୟାପୀ ଜନଆନ୍ଦୋଳନ କରିବ ବୋଲି ଡ. ଲେଙ୍କା ଚେତାବନୀ ଦେଇଛନ୍ତି ।ଆଜିର ଏହି ବିକ୍ଷୋଭ ସମାବେଶରେ ସମ୍ରାଟ କେଶରୀ ଜେନା, ଶୈଳେଶ ତିୱାରୀ, ରିତୁଲ ମହାରଣା, ଆଶୁତୋଷ ଲେଙ୍କା, ବିଶ୍ୱଜିତଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

## କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ନିଯୁକ୍ତିର ବ୍ୟାପକ ସୁଯୋଗ ରହିଛି : ମନ୍ତ୍ରୀ

ଭୁବନେଶ୍ୱର, ୬।୪(ପି.ଏନ): କୃଷି ଓ ଏହାର ଆନୁଷଙ୍ଗିକ କ୍ଷେତ୍ରରେ ନିଯୁକ୍ତିର ବ୍ୟାପକ ସୁଯୋଗ ରହିଛି । ବିଗତ କରୋନା ମହାମାରୀ କାଳରେ ଚାକିରି ବୃତି ପାଇଁ ରାଜ୍ୟ ବାହାରକୁ ଯାଇଥିବା ଓଡ଼ିଆ ଯୁବପିଢ଼ି ରାଜ୍ୟକୁ ଫେରି କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ମନୋନିବେଶ ତଥା ପୁଂଜିନିବେଶ କରିଛନ୍ତି । ଆଜି ଭୁବନେଶ୍ୱର କୃଷି ଭବନଠାରେ ଲିଙ୍ଗ ନିରୁପିତ ଶୁକ୍ରାଣୁ ଦ୍ୱାରା କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମର ଶୁଭାରମ୍ଭ କରି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି । ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଡ. ସାହୁ କହିଲେ ଯେ ଲିଙ୍ଗ ନିରୁପିତ ଶୁକ୍ରାଣୁ ଟେକ୍ନୋଲୋଜି ଦ୍ୱାରା ୯୦ ପ୍ରତିଶତ ପର୍ଯ୍ୟନ୍ତ ମାଈ ବାଛୁରି ଜନ୍ମ ହୋଇ ରାଜ୍ୟରେ ଦୁଗ୍ଧ ଉତ୍ପାଦନରେ ବୃଦ୍ଧି ଘଟିବା ସହିତ ଚାଷୀର ଆୟବୃଦ୍ଧି ଘଟିବ। ଏହି କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ଦୁଗ୍ଧଚାଷୀଙ୍କ ପାଇଁ ୭୫ ପ୍ରତିଶତ ରିହାତି ସରକାର ଯୋଗାଇଦେବେ। ଗୋଟିଏ ଡୋଜ ଲିଙ୍ଗ ନିରୁପିତ ଶୁକ୍ରାଣୁର ମୂଲ୍ୟ ୭୧୫ ଟଙ୍କା ହୋଇଥିବାସ୍ଥଳେ ସରକାର ଏହାକୁ ଗୋପାଳକମାନଙ୍କୁ ମାତ୍ର ୧୮୦ ଟଙ୍କାରେ ଯୋଗାଇଦେବେ । ରାଜ୍ୟର ଖଣିଜ ଅଞ୍ଚଳ ଜିଲ୍ଲାମାନଙ୍କରେ ଏଥି ପାଇଁ ଶତପ୍ରତିଶତ ରିହାତିର ସୁବିଧା ରହିଛି ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ । ଉଚ୍ଚ ଜେନେଟିକ୍ କ୍ଷମତାସଂପନ୍ନ ଷଣ୍ଢଙ୍କ ଶୁକ୍ରାଣୁ ବ୍ୟବହାର ମାଧ୍ୟମରେ ଗୋ-ପ୍ରଜାତିର ଉନ୍ନତିକରଣ ଓ ଦ୍ରୁତ ଉତ୍ପାଦନ ବୃଦ୍ଧି କରିବାକୁ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ଗୁରୁତ୍ୱ ପ୍ରଦାନ କରୁଛି। ଲିଙ୍ଗ ନିରୁପିତ ହୋଇନଥିବା ସାଧାରଣ ଶୁକ୍ରାଣୁ ବ୍ୟବହାର କରି କୃତ୍ରିମ ପ୍ରଜନନ କରାଯାଉଥିବା ଗାଈଙ୍କଠାରୁ ୫୦ ପ୍ରତିଶତ ଅଣ୍ଡିରା ଓ ୫୦ ପ୍ରତିଶତ ମାଈ ବାଛୁରି ଜନ୍ମ ହେବାର ସମ୍ଭାବନା ଥାଏ । ଧୀରେ ଧୀରେ ଅଣ୍ଡିରା ବାଛୁରିଙ୍କ ଚାହିଦା କମୁଥିବାରୁ ଗୋପାଳକମାନେ ସେମାନଙ୍କୁ ବୁଲା ଗୋରୁ ଭାବେ ଛାଡ଼ି ଦେଇଥାନ୍ତି ଓ ରାଜ୍ୟରେ ବୁଲା ଗୋରୁଙ୍କ ସଂଖ୍ୟାରେ ବୃଦ୍ଧି ଘଟିଥାଏ । ଲିଙ୍ଗ ନିରୁପିତ ଶୁକ୍ରାଣୁ ଟେକ୍ନୋଲୋଜି ୯୦ ପ୍ରତିଶତ ପର୍ଯ୍ୟନ୍ତ ଉଚ୍ଚ ଜେନେଟିକ୍ କ୍ଷମତା ସଂପନ୍ନ ମାଈ ବାଛୁରି ଜନ୍ମର ସମ୍ଭାବନାକୁ ବୃଦ୍ଧି କରିଥାଏ ଏବଂ ଏହା ଦ୍ୱାରା ଅଣ୍ଡିରା ବାଛୁରିଙ୍କ ସଂଖ୍ୟା ହ୍ରାସ ପାଇ ଗୋପାଳକଙ୍କ ଉପରେ ଅଣ୍ଡିରା ବାଛୁରି ପାଳନର ଭାର ହ୍ରାସ କରିଥାଏ । ଏହି ଅବସରରେ କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଂଜୀବ ଚୋପ୍ରା କହିଥିଲେ ଯେ ରାଜ୍ୟରେ ଗିର୍, ସାହିୱାଲ, କ୍ରସ୍ ବ୍ରେଡ୍ ଜର୍ସି, କ୍ରସ୍ ବ୍ରେଡ୍ ହୋଲ୍ଷ୍ଟିନ୍ ଫ୍ରିଜିଆନ୍ ଇତ୍ୟାଦି ଉନ୍ନତ ପ୍ରଜାତିର ସେକ୍ସ ସର୍ଟେଡ୍ ସିମେନ୍ ଚାଷୀଙ୍କ ପାଇଁ ଉପଲବ୍ଧ ହେବ । ଓଡ଼ିଶା ଗୋ-ମହିଷାଦି ପ୍ରଜନନ ନୀତି ଅନୁଯାୟୀ ଏହା କାର୍ଯ୍ୟକାରୀ କରାଯାଉଛି ।ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଆର ରଘୁପ୍ରସାଦ କହିଥିଲେ ଯେ ଲିଙ୍ଗ ନିରୁପିତ ଶୁକ୍ରାଣୁ କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ଜିଲ୍ଲାରେ କାର୍ଯ୍ୟକାରୀ ହେବ । ୨୦୨୨-୨୩ ବର୍ଷରେ ପ୍ରାଥମିକ ଅବସ୍ଥାରେ ୫.୫ ଲକ୍ଷ ଡୋଜ୍ ବ୍ୟବହାର କରି ୧.୨୦ ଲକ୍ଷ ଗାଈଙ୍କ କୃତ୍ରିମ ପ୍ରଜନନ କରାଯିବ ।କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ଡ. ୟେଦୁଲ୍ଲା ବିଜୟ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡ଼ିଶା ପ୍ରାଣୀଧନ ଅନୁସନ୍ଧାନ ବିକାଶ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଲୋକନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗୋ-ପ୍ରଜାତି କୃତ୍ରିମ ପ୍ରଜନନ ଉପରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓମ୍‌ଫେଡ୍‌ର ଏମ୍.ଡି, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ମହାବିଦ୍ୟାଳୟର ବିଶେଷଜ୍ଞ, ବିଭାଗୀୟ ଅଧିକାରୀ ଓ ଗୋପାଳକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଗୋପାଳକ ଓ ବିଭାଗୀୟ ଅଧିକାରୀମାନେ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇଥିଲେ ।

## ପଳାଶୁଣି ଦୁର୍ଘଟଣା , ଅଭିଯୁକ୍ତ ହାଇୱା ଡ୍ରାଇଭର ଗିରଫ

ଭୁବନେଶ୍ୱର,୬।୪(ପି.ଏନ): ଭୁବନେଶ୍ୱର ପଳାଶୁଣି ଛକରେ ହୋଇଥିବା ସିରିଜ ଦୁର୍ଘଟଣା ମାମଲାରେ ଅଭିଯୁକ୍ତ ହାଇୱା ଡ୍ରାଇଭରକୁ ଗିରଫ କରିଛି ମଂଚେଶ୍ୱର ଥାନା ପୋଲିସ । ଗିରଫ ହୋଇଥିବା ଅଭିଯୁକ୍ତ ହେଉଛି ଖୋର୍ଦ୍ଧା ଜିଲ୍ଲାର ସୌଭାଗ୍ୟ ପାତ୍ର । ଫେରାର ହାଇୱା ଡ୍ରାଇଭରକୁ ପୋଲିସ୍ ଖୋର୍ଦ୍ଧା ନିକଟବର୍ତୀ ବୋଗୋଡ଼ା ଗାଁରୁ ଗିରଫ କରିଛି। ଦ୍ରୁତ ଗତିରେ ଅସାବଧାନ ହୋଇ ଗାଡ଼ି ଚଳାଇବା ଅଭିଯୋଗରେ ତାକୁ ଗିରଫ କରାଯାଇଛି। ଅପରପକ୍ଷରେ ଯାଂଚରୁ ଦୁର୍ଘଟଣା ଘଟାଇଥିବା ହାଇୱାର କାଗଜପତ୍ର ଠିକ୍ ନଥିବା ଜଣାପଡିଛି। ଉକ୍ତ ଦିନ ହାଇୱାରେ ନିର୍ଦ୍ଧାରିତ ପରିମାଣ ଠାରୁ ଅଧିକ ମାଲ୍ ବୋଝେଇ ହୋଇଥିଲା। ସେହିପରି ୨୦୧୮ରୁ ଗାଡିର ଫିଟନେସ୍ ଶେଷ ହୋଇଯାଇଥିବା ବେଳେ ପଲ୍ୟୁସନ୍ ସାର୍ଟିଫିକେଟ୍ ମଧ୍ୟ ଠିକ୍ ନଥିବା ଜଣାପଡିଛି। ସୂଚନା ଅନୁସାରେ ଗତ ସୋମବାର ପଳାଶୁଣି ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା। ପଛରୁ ଏକ ହାଇୱା ଦ୍ରୁତ ଗତିରେ ଆସି ଏକ କାରକୁ ଧକ୍କା ଦେଇଥିଲା। ଫଳରେ କାରଟି ୨ ଟି ହାଇୱା ମଝିରେ ଚାପି ହୋଇଯାଇଥିଲା। ଏଥିରେ ଥିବା ଧର୍ମଶାଳାରେ ଏସଡିଓଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏହାସହ ହାଇୱା ଅନ୍ୟ ଏକ କାରକୁ ମଧ୍ୟ ଧକ୍କା ଦେଇଥିଲା। ସମ୍ପୃକ୍ତ କାର ଆଉ ଏକ ବାଇକ୍ ସହ ପିଟି ହୋଇଯାଇଥିଲା। ଏହି ଘଟଣାରେ ଏକାଧିକ ଆହତ ହୋଇଥିବା ବେଳେ ଦୁର୍ଘଟଣା ଘଟାଇ ଡ୍ରାଇଭର ଫେରାର ହୋଇଯାଇଥିଲା।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶ୍ରେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା’ ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା’ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମନ୍ତ ୧୮୬୯ ରେ ‘ସିଦ୍ଧାନ୍ତ ଦର୍ପଣ’ ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ’ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା’ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲସିଙ୍କୁ ଦେଖି ଶାନ୍ତ ହୋଇଯା’ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା’ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ ‘ଏନଭିଗ୍ରୀନ’ ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ର ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଏପ୍ରିଲ ୦୭

# ମାନ୍ ସରକାରଙ୍କ ବଳିଷ୍ଠ ପଦକ୍ଷେପ



ଆମ ଦେଶରେ ଥରେ ଜଣେ ସାଂସଦ କିମ୍ବା ବିଧାୟକ ଭାବେ ନିର୍ବାଚିତ ହେଲେ, ପାଂଚ ବର୍ଷ ମଧ୍ୟରେ ଯେତିକି କମାଇଥାନ୍ତି, ତାହା ପୁରୁଷ ପୁରୁଷ ଧରି ବସି ଖାଇଲେ ଶେଷ ହେବ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହୋଇଥାଏ। କେବଳ ଏତିକି ନୁହେଁ, ସାଂସଦ ଓ ବିଧାୟକମାନଙ୍କ ବେତନ ଓ ଭତ୍ତା, ପେନସନ୍ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ସମ୍ପର୍କରେ ନିଜେ ନିଷ୍ପତ୍ତି ନେଇଥାନ୍ତି। ଅର୍ଥାତ୍ ବେତନ, ଭତ୍ତା, ପେନସନ ନେଇ ସଂସଦ ଓ ବିଧାନସଭାରେ ସ୍ୱତନ୍ତ୍ର ବିଲ୍ ଆଗତ ହୋଇଥାଏ। ତାହା ଗୃହିତ ହେବା ପରେ କାର୍ଯ୍ୟକାରୀ ହୋଇଥାଏ। ସାଂସଦ ଓ ବିଧାୟକମାନେ ନିଜେ ନିଜର ବେତନ ଏବଂ ଭତ୍ତା, ପେନସନ ବୃଦ୍ଧି ପାଇଁ ଗୃହରେ ଦାବି କରିବାର ବହୁ ନଜିର ରହିଛି। ଜଣେ ସରକାରୀ କର୍ମଚାରୀ ଦୀର୍ଘ ୩୦ରୁ ୩୩ ବର୍ଷ ଚାକିରୀ କରି ପେନ୍‌ସନ୍ ପାଇଥାନ୍ତି। ମାତ୍ର ଜଣେ ଥରେ ବିଧାୟକ ହୋଇଗଲେ, ଆଜୀବନ ପେନ୍‌ସନ୍ ପାଇଥାନ୍ତି। ଏହି ପେନ୍‌ସନ୍ ସୁବିଧା ମଧ୍ୟ ତାଙ୍କ ପରଲୋକ ପରେ ବିଧବା ପତ୍ନୀଙ୍କୁ ମିଳିଥାଏ। ଆହୁରି ମଧ୍ୟ ଜଣେ ବ୍ୟକ୍ତି ଯେତେଥର ବିଧାୟକ ଭାବେ ନିର୍ବାଚିତ ହୋଇଥାନ୍ତି, ତାଙ୍କ କାର୍ଯ୍ୟକାଳ ଅନୁଯାୟୀ ପେନ୍‌ସନ ରାଶି ମଧ୍ୟ ବୃଦ୍ଧି ପାଏ।



ଏପରି କି ଜଣେ ଯଦି ବିଧାୟକ ହେବା ପରେ ପରବର୍ତ୍ତୀ କାଳରେ ସାଂସଦ ହୋଇଥାନ୍ତି, ତେବେ ଉଭୟ ବିଧାୟକ ଓ ସାଂସଦର ପେନ୍‌ସନ୍ ପାଇଥାନ୍ତି। ଏହି ନ୍ୟାୟରେ ଜଣେ ରାଜନେତା ଲକ୍ଷ ଲକ୍ଷ ଟଙ୍କା ମାସିକ ପେନ୍‌ସନ୍ ପାଇଥାନ୍ତି। ଗତ ନିର୍ବାଚନରେ ପଞ୍ଜାବରେ ଭଗବନ୍ତ ମାନ୍‌ଙ୍କ ନେତୃତ୍ୱରେ ଆମ ଆଦମୀ ପାର୍ଟି (ଏଏପି) ବିଜୟୀ ହେବା ସରକାର ପୂର୍ବତନ ବିଧାୟକଙ୍କ ପେନ୍‌ସନ୍ ନିୟମରେ ପରିବର୍ତ୍ତନ କରିଛନ୍ତି, ଯାହାକି ମାନ୍ ସରକାରଙ୍କ ଏକ ଐତିହାସିକ ପଦକ୍ଷେପ ବୋଲି କୁହାଯାଇପାରିବ। ପଞ୍ଜାବ ସରକାରଙ୍କ ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ ଏଣିକି ଜଣେ ପୂର୍ବତନ ବିଧାୟକ କେବଳ ଗୋଟିଏ କାର୍ଯ୍ୟକାଳର ପେନ୍‌ସନ ପାଇବେ। ଏବେ ପଞ୍ଜାବରେ ଗୋଟିଏ ପାଂଚବର୍ଷିଆ କାର୍ଯ୍ୟକାଳ ପାଇଁ ଜଣେ ପୂର୍ବତନ ବିଧାୟକଙ୍କର ପେନ୍‌ସନ୍ ୭୫ ହଜାର ୧୫୦ ଟଙ୍କା ରହିଛି। ମାନ ସରକାରଙ୍କ ନିଷ୍ପତ୍ତି ଯୋଗୁଁ ରାଜ୍ୟ ରାଜକୋଷରୁ ବାର୍ଷିକ ୮୦ କୋଟି ଟଙ୍କା ସଂଚୟ ହୋଇପାରିବ ବୋଲି କୁହାଯାଇଛି। କେବଳ ପଞ୍ଜାବ ନୁହେଁ, ଦେଶର ସମସ୍ତ ରାଜ୍ୟରେ ମଧ୍ୟ ସମାନ ବ୍ୟବସ୍ଥା ପ୍ରଚଳନ ରହିଛି। ମାନ୍‌ଙ୍କ ପଦକ୍ଷେପ ଏକ ବଳିଷ୍ଠ ଓ ପ୍ରଶଂସନୀୟ ଏଥିରେ ସନ୍ଦେହ ନାହିଁ। ମାନ୍ ସରକାରଙ୍କ ନିଷ୍ପତ୍ତି ପରେ ଶିରୋମଣି ଅକାଳୀ ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରକାଶ ସିଂହ ବାଦଲ ଟଙ୍କାଟିଏ ପେନ୍‌ସନ ନେବେନାହିଁ ବୋଲି ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅତୀତରେ ୯୦ ଦଶକରେ ପ୍ରବାଦପୁରୁଷ ସ୍ୱର୍ଗତଃ ବିଜୁ ପଟ୍ଟନାୟକ ଓଡିଶାର ମୁଖ୍ୟମନ୍ତ୍ରୀ ଥିବାବେଳେ ମାତ୍ର ଟଙ୍କାଟିଏ ବେତନ ନେବେ ବୋଲି ଘୋଷଣା କରି ଇତିହାସ ସୃଷ୍ଟି କରିଥିଲେ। କହିବା ବାହୁଲ୍ୟ ଯେ, ଥରେ ସାଂସଦ ବା ବିଧାୟକ ହୋଇଗଲେ ସମ୍ପତ୍ତି ଦୁଇ, ତିନି ଗୁଣ ବଢିଥିବାବେଳେ ବାରମ୍ବାର ସାଂସଦ, ବିଧାୟକ ହୋଇଥିବା ବ୍ୟକ୍ତି କେତେ ଯେ ସମ୍ପତ୍ତିର ମାଲିକ, ତାହା ଆକଳନ ବାହାରେ। ଆଜିର ଲୋକପ୍ରତିନିଧିଙ୍କ ତ୍ୟାଗ, ସେବା ପରିବର୍ତ୍ତେ ଭୋଗ, ଲୋଭସର୍ବସ୍ୱ ହୋଇଥିବାରୁ ଲକ୍ଷ ଲକ୍ଷ ଟଙ୍କା ପେନ୍‌ସନ୍ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ନେବାକୁ କୁଣ୍ଠିତ ନୁହଁନ୍ତି। ଏହାର ଆର୍ଥିକ ବୋଝ ରାଜକୋଷ ଏବଂ ଜନସାଧାରଣଙ୍କ ଉପରେ ପଡିଥାଏ। ଲୋକପ୍ରତିନିଧିମାନେ ଏହା ଉପଲବ୍ଧି କରିବେ ବୋଲି ଆଶା କରିବା। ଆହୁରି ମଧ୍ୟ ମାନ୍ ସରକାର ନିଜର ନିର୍ବାଚନ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବା ପାଇଁ ଏଣିକି ପ୍ରତ୍ୟେକ ଘରେ ରାସନ ସାମଗ୍ରୀ ପହଁଚାଇବା ଯୋଜନା ଆରମ୍ଭ କରିଛନ୍ତି। ଅବଶ୍ୟ ଆମ୍ ଆଦମୀ ପାର୍ଟିର ସୁପ୍ରିମୋ ତଥା ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜିରୱାଲ ୧୦୦ଟି ଅତ୍ୟାବଶ୍ୟକୀୟ ସେବା ଲୋକଙ୍କ ନିକଟରେ ପହଁଚାଇବା ପାଇଁ ସ୍ୱତନ୍ତ୍ର ଯୋଜନା କରିଛନ୍ତି। ଏହାପୂର୍ବରୁ ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବାର୍ଦ୍ଧକ୍ୟ ଭତ୍ତାଠାରୁ ଆରମ୍ଭ କରି ବହୁ ଜନହିତକର ଯୋଜନା ଲୋକଙ୍କ ନିକଟରେ ପହଁଚାଇବାକୁ 'ମୋ ସରକାର' ନାମରେ ଏକ କାର୍ଯ୍ୟକ୍ରମ କରିଥିଲେ। ମହାମାରୀ କୋରୋନା ପୂର୍ବରୁ ଏହି ଯୋଜନାର ସୁଫଳ ଜନସାଧାରଣ ଉପଲବ୍ଧି କରିଥିଲେ, ଲୋକଙ୍କ ଘରେ ସେବା ପହଁଚିଯାଇଥିଲା। ମାତ୍ର ମହାମାରୀ ସଂକ୍ରମଣ ପରେ କଟକଣା ଯୋଗୁଁ ଏବେ ଲୋକେ ସେବା ପାଉନଥିବା ବଂଚିତ ହେଉଥିବା ଅଭିଯୋଗ ହୁଏ। 'ମୋ ସରକାର' ଯୋଜନା ଏବେ ବାଟବଣା ହୋଇଯାଇଥିବା କହିଲେ ହୁଏତ ଭୁଲ ହୋଇନପାରେ। ଏହା ସତ୍ୟ ଯେ, ରାଜନୈତିକ ଦଳଗୁଡିକ ନିର୍ବାଚନ ସମୟରେ ଯେଉଁ ପ୍ରତିଶ୍ରୁତି ଦେଇଥାନ୍ତି, ତାହା କାର୍ଯ୍ୟକାରୀ କରିବା ତ ଦୂରର କଥା, ତାହାକୁ ସମ୍ପୂର୍ଣ୍ଣ ଭୁଲିଯାଇଥାନ୍ତି। ପଞ୍ଜାବର ମାନ୍ ସରକାର ହୁଅନ୍ତୁ, ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ପାଇଁ ଆରମ୍ଭ କରିବା ପରେ ତାହା ଆଉ ବନ୍ଦ ନକରନ୍ତୁ। ସେହିପରି ବିଧାୟକ ବା ସାଂସଦ ଗୋଟିଏ ଥରର କାର୍ଯ୍ୟକାଳ ପାଇଁ ପେନ୍‌ସନ୍ ବ୍ୟବସ୍ଥା ଦେଶରେ ପ୍ରଚଳନ ହେଉ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ମାନ୍‌ଙ୍କ ପନ୍ଥା ଅନୁସରଣ କରିବା ସାଂପ୍ରତିକ ଆର୍ଥିକ ପରିସ୍ଥିତିରେ ଏକାନ୍ତ ଆବଶ୍ୟକ।

**ସୌଭାଗ୍ୟ ରଂଜନ ମହାନ୍ତି (ରାଜା),**
ସମ୍ପାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

## ଆଜିର ଅନୁଚିନ୍ତା

ଏଇ ମନ ବ୍ୟୋମଯାନ ଓ ରକେଟ୍‌ଠାରୁ ମଧ୍ୟ ଗତିଶୀଳ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।
E-mail: editorpbkc@gmail.com
9853400829 (M), Fax: 0674-2550504

# ଜାତୀୟ ସ୍ୱାର୍ଥକୈନ୍ଦ୍ରିକ ଭାରତର ବୈଦେଶିକ ନୀତି

ଡ. ସମନ୍ୱୟ ନନ୍ଦ



ଗତ କିଛି ଦିନ ହେବ ନୂଆଦିଲ୍ଲୀ ବିଶ୍ୱ କୂଟନୀତିର କେନ୍ଦ୍ରରେ ଅଛି । ଅନେକ ଦେଶର ବଡ ବଡ ନେତା ଭାରତ ଗସ୍ତରେ ଆସିଛନ୍ତି । ଗତ କିଛିଦିନ ମଧ୍ୟରେ ପାଂଚଟି ବଡ ବଡ ତଥା ବିଶ୍ୱ ରାଜନୀତିରେ ପ୍ରଭାବ ରଖୁଥିବା ଦେଶମାନଙ୍କର ନେତା ଓ ଅଧିକାରୀମାନେ ନୂଆଦିଲ୍ଲୀ ଗସ୍ତରେ ଅଛନ୍ତି । ସବୁଠାରୁ ବଡ କଥା ହେଲା ଯେ ସେମାନେ ନୂଆଦିଲ୍ଲୀ ଗସ୍ତରେ ଆସିବାକୁ ସମାନ ସମୟ ବାଛିଛନ୍ତି ।

ଯେଉଁ ଦେଶର ନେତା ଓ କୂଟନୀତିଜ୍ଞମାନେ ଭାରତ ଆସି ଭାରତକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କ ମଧ୍ୟରେ ଆମେରିକାର ଡେପୁଟି ଏନଏସଏ ଦଲିପ ସିଂହ ସାମିଲ ଥିଲେ । ସେହିପରି ବ୍ରିଟେନର ବୈଦେଶିକ ସଚିବ ଏଲିଜାବେଥ୍ ଟ୍ରୁସ, ମେକ୍ସିକୋର ବୈଦେଶିକ ମନ୍ତ୍ରୀ ମାର୍ସେଲୋ ଏବ୍ରାଡ କେସାବୋନ ମଧ୍ୟ ଭାରତ ଗସ୍ତରେ ଆସିଛନ୍ତି । ସେହିପରି ନେଦରଲ୍ୟାଣ୍ଡର ଜାତୀୟ ସୁରକ୍ଷା ପରାମର୍ଶଦାତା ଭାନ ଲିଉନ ମଧ୍ୟ ଭାରତ ଗସ୍ତରେ ଆସିଛନ୍ତି । ଏହି ନେତାମାନଙ୍କର ନୂଆଦିଲ୍ଲୀ ଗସ୍ତ କରିବାର ଓ ସମାନ ସମୟରେ ଗସ୍ତ କରିବାର ଉଦ୍ଦେଶ୍ୟ ସ୍ପଷ୍ଟ । ରୁଷ–ୟୁକ୍ରେନ ମଧ୍ୟରେ ଚାଲିଥିବା ସଂଘର୍ଷକୁ ଏକ ମାସ ବିତି ସାରିଲାଣି । ଏହି ପ୍ରସଙ୍ଗରେ ପାଶ୍ଚାତ୍ୟ ଦେଶମାନେ ଭାରତକୁ ସେମାନଙ୍କ ସାଥିରେ ନେବାକୁ ଚେଷ୍ଟା କରୁଛନ୍ତି । ଏକା ସମୟରେ ଏତେ ଦେଶମାନଙ୍କର ନେତା ଓ କୂଟନୀତିଜ୍ଞମାନଙ୍କର ଭାରତ ଗସ୍ତରେ ଆସିବା ବିଶ୍ୱ ରାଜନୀତିରେ ଭାରତର କେତେ ଗୁରୁତ୍ୱ ବଢିଛି, ତାହାକୁ ସ୍ପଷ୍ଟଭାବେ ପ୍ରତିପାଦିତ କରୁଛି ।

ରୁଷର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାବରୋଭ ମଧ୍ୟ ଭାରତ ଆସିଥିଲେ । ସେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ସହ ଆଲୋଚନା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି । ଉଭୟଙ୍କ ମଧ୍ୟରେ ପାଖାପାଖି ୪୦ ମିନିଟ ଯାଏ କଥାବାର୍ତ୍ତା ହୋଇଥିଲା । ଏଠାରେ ଗୋଟିଏ କଥା ଉଲ୍ଲେଖ କରିବା ନିହାତି ଜରୁରୀ । ଗତ କିଛିଦିନ ତଳେ ଚୀନର ବୈଦେଶିକ ମନ୍ତ୍ରୀ ଭାରତ ଗସ୍ତରେ ଆସିଥିଲେ । ସେତେବେଳେ ସେ ଭାରତର ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ସାକ୍ଷାତ କରିବାକୁ ଚାହିଁଥିଲେ । ସେତେବେଳେ ତାଙ୍କୁ ପ୍ରଧାନମନ୍ତ୍ରୀ ମୋଦି ଖୁବ ବ୍ୟସ୍ତ ଅଛନ୍ତି ବୋଲି ଚୀନକୁ ସୂଚନା ଦିଆଯାଇଥିଲା ।

କେବଳ ସେତିକି ନୁହେଁ ଉପରେ ଯେଉଁ ଦେଶର ଉଲ୍ଲେଖ କରାଯାଇଛି ତାହା ବ୍ୟତୀତ ଗତ ଦୁଇ ସପ୍ତାହ ମଧ୍ୟରେ ଅଷ୍ଟ୍ରିଆ, ଗ୍ରୀସ ଓ ଅନ୍ୟ ଦେଶମାନଙ୍କର ମନ୍ତ୍ରୀମାନେ ମଧ୍ୟ ଭାରତ ଗସ୍ତରେ ଥିଲେ । ପ୍ରଧାନମନ୍ତ୍ରୀ ଏମାନଙ୍କ ମଧ୍ୟରୁ କେଉଁ ଦେଶର ମନ୍ତ୍ରୀମାନଙ୍କ ସହ ସାକ୍ଷାତ କରି ନ ଥିଲେ । ହେଲେ ପ୍ରଧାନମନ୍ତ୍ରୀ ମୋଦି ରୁଷର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାବରୋଭଙ୍କ ସହ ସାର୍ବଜନୀନ ଭାବେ ସାକ୍ଷାତ କରିଥିଲେ । ଏପରି ସ୍ଥିତିରେ ଏହି ବୈଠକକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରାଯାଉଛି ।

ଏହି ବୈଠକ ପରେ ରୁଷର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାବରୋଭ ଯାହା କହିଲେ ତାହା ଉପରେ ଦୃଷ୍ଟିପାତ କରିବା ଜରୁରୀ । ସେ କହିଛନ୍ତି ଯେ ସେ ରୁଷର ରାଷ୍ଟ୍ରପତି ବ୍ଲାଦିମିର ପୁତିନଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ 'ବ୍ୟକ୍ତିଗତ ଭାବେ ବାର୍ତ୍ତା' ପ୍ରଦାନ କରିଛନ୍ତି । 'ପୁତିନ ଓ ମୋଦି ନିୟମିତ ଯୋଗାଯୋଗରେ ଅଛନ୍ତି । ମୋଦିଙ୍କ ସହ ମୋର କ'ଣ କଥାବାର୍ତ୍ତା ହେଲା ସେ ସମ୍ପର୍କରେ ମୁଁ ରାଷ୍ଟ୍ରପତି ପୁତିନଙ୍କୁ ରିପୋର୍ଟ କରିବି ।'

ରୁଷର ବୈଦେଶିକ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଆମେରିକା ଓ ପାଶ୍ଚାତ୍ୟ ଦେଶମାନଙ୍କର କଟକଣା ଓ ଚାପର ଭାରତ–ରୁଷ ସମ୍ପର୍କରେ କୌଣସି ପ୍ରଭାବ ପକାଇବ ନାହିଁ। ଭାରତର ବୈଦେଶିକ ନୀତି ସ୍ୱାଧୀନ ଓ କାହା ଦ୍ୱାରା ପ୍ରଭାବିତ ନୁହେଁ । ସେ କହିଛନ୍ତି ଯେ ଭାରତ ରୁଷରୁ ଯାହା ଆମଦାନୀ କରିବାକୁ ଚାହିଁବ, ଆମେ ଭାରତକୁ ଉପଲବ୍ଧ କରାଇବାକୁ ପ୍ରସ୍ତୁତ ଅଛୁ ।

ଏହାବାଦ୍ ରୁଷର ବୈଦେଶିକ ମନ୍ତ୍ରୀ ଏକ ଏପରି ବିଷୟ କହିଲେ ଯାହା ଅନେକ ଦେଶ ବିଶେଷ ଭାବେ ଚୀନକୁ କଷ୍ଟ ଦେଇପାରେ । ଭାରତ ରୁଷ–ୟୁକ୍ରେନ ମାମଲାରେ କ'ଣ ମଧ୍ୟସ୍ଥତା କରିବାର ସମ୍ଭାବନା ରହିଛି କି ବୋଲି ଏକ ପ୍ରଶ୍ନର ଉତରରେ ସେ କହିଛନ୍ତି ଯେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଦେଶ । ଯଦି ଭାରତ ଏହି ଭୂମିକା ନିର୍ବାହ କରିବାକୁ ଚାହିଁବ, ଯାହା ସମସ୍ୟାର ସମାଧାନ ଆଡକୁ ଯିବ, ତେବେ ଭାରତ ଏହି କାମ କରିପାରେ । ରୁଷର ବୈଦେଶିକ ମନ୍ତ୍ରୀଙ୍କ ଏହି ବକ୍ତବ୍ୟ ବିଶ୍ୱ ରାଜନୀତିରେ ଭାରତର ବଢୁଥିବା ପ୍ରଭାବକୁ ରେଖାଙ୍କିତ କରୁଛି ।

ନିଜର ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରିହାତି ଦରରେ ଅଶୋଧିତ ତୈଳ କିଣିବା ସମ୍ପର୍କରେ ରୁଷର ପ୍ରସ୍ତାବ ପରେ ପାଶ୍ଚାତ୍ୟ ଦେଶମାନେ ଭାରତ ଉପରେ ଲଗାତାର ଚାପ ପ୍ରୟୋଗ କରିବାକୁ ଚେଷ୍ଟା କରିଛନ୍ତି । ହେଲେ ଭାରତ ସ୍ପଷ୍ଟ କରି ଦେଇଛି ଯେ ଭାରତୀୟଙ୍କ ସ୍ୱାର୍ଥ ହିଁ ତା' ପାଇଁ ସବୁଠାରୁ ବଡ ।

ଏବେ ବ୍ରିଟେନର ବୈଦେଶିକ ସଚିବ ଏଲିଜାବେଥ ମଧ୍ୟ ୟୁକ୍ରେନ ସମର୍ଥନରେ ଓ ରୁଷ ବିରୁଦ୍ଧରେ ଭାରତକୁ ରାଜି କରାଇବା ପାଇଁ ଚାପ ପକାଇବାକୁ ଚେଷ୍ଟା କରିଥିଲେ । ୟୁକ୍ରେନ-ରୁଷ ମଧ୍ୟରେ ସଂଘର୍ଷ ଚାଲିଥିବା କାରଣରୁ ପେଟ୍ରୋଲିୟମ ଉତ୍ପାଦ ଓ ଅଶୋଧିତ ତୈଳ ବଜାରରେ ନିଆଁ ଲାଗି ଯାଇଛି । ବର୍ତ୍ତମାନ ପରିସ୍ଥିତିରେ ରୁଷ ଭାରତକୁ କମ୍ ମୂଲ୍ୟରେ ଅଶୋଧିତ ତୈଳ ଦେବାକୁ ପ୍ରସ୍ତାବ ଦେଇଛି । ଭାରତ ଏହାକୁ ନେଇ ସକାରାତ୍ମକ ମନୋଭାବ ରଖିଛି ।

ବ୍ରିଟେନର ବୈଦେଶିକ ସଚିବ ଏଲିଜାବେଥ ଓ ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଭାରତ–ୟୁକେ ଷ୍ଟ୍ରାଟେଜିକ ଫ୍ୟୁଚର ଫୋରମରେ ଆଲୋଚନା କରୁଥିବା ବେଳେ ଏକ ପ୍ରଶ୍ନ ଆସିଥିଲା । ଏହି ପ୍ରଶ୍ନଟି ଭାରତ ରୁଷଠାରୁ ରିହାତି ମୂଲ୍ୟରେ ଅଶୋଧିତ ତୈଳ କ୍ରୟ କରିବାକୁ ପ୍ରସ୍ତାବକୁ ଗ୍ରହଣ କରିବା ସମ୍ପର୍କିତ ଥିଲା ।

ଏହି ପ୍ରଶ୍ନର ଉତରରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଯାହା କହିଥିଲେ ତାହା ବିଶ୍ୱ ରାଜନୀତିରେ ଭାରତର ଦୃଢ ଆତ୍ମବିଶ୍ୱାସକୁ ପ୍ରତିପାଦିତ କରୁ । ଶ୍ରୀ ଜୟଶଙ୍କର କହିଥିଲେ ଯେ- ''ଏଭଳି ଅନୁଭବ ହେଉଛି ଯେ ଏହି ପ୍ରସଙ୍ଗରେ କିଛି ସମୟ ହେଲା ଏକ କ୍ୟାମ୍ପେନ ଆରମ୍ଭ କରାଯାଇଛି ।'' ଏପରି କହି ସେ ବ୍ରିଟେନ ଓ ଅନ୍ୟ ପାଶ୍ଚାତ୍ୟ ଦେଶମାନଙ୍କୁ ଦର୍ପଣ ଦେଖାଇଥିଲେ । ସେ କହିଥିଲେ ଯେ ଭାରତ ରୁଷଠାରୁ ଅଶୋଧିତ ତୈଳ ରିହାତି ଦରରେ କିଣିବାକୁ ନେଇ ପ୍ରଶ୍ନ ଉଠାଯାଉଛି, ହେଲେ ୟୁରୋପୀୟ ଦେଶମାନେ ରୁଷଠାରୁ ଫେବୃଆରୀ ମାସରେ ଯେତେ ଅଶୋଧିତ ତୈଳ କ୍ରୟ କରିଥିଲେ, ତା' ଠାରୁ ୧୫ ପ୍ରତିଶତ ଅଧିକ ତୈଳ ମାର୍ଚ୍ଚ ମାସରେ କ୍ରୟ କରିଛନ୍ତି ।

ଜୟଶଙ୍କର ସ୍ପଷ୍ଟ ଶବ୍ଦରେ ବ୍ରିଟେନର ବୈଦେଶିକ ମନ୍ତ୍ରୀଙ୍କୁ ଉତର ଦେଇ କହିଥିଲେ ଯେ- ''ଯେତେବେଳେ ଅଶୋଧିତ ତୈଳର ଦାମ୍ ବଢିବ, ସେତେବେଳେ ସାଧାରଣ ଭାବେ କୌଣସି ଦେଶ ମଧ୍ୟ ବଜାରକୁ ଯାଇ ତାଙ୍କ ଦେଶର ଲୋକମାନଙ୍କ ପାଇଁ ଯାହା ଭଲ ହେବ ତାକୁ କିଣିବା ପାଇଁ ପ୍ରୟାସ କରିବ ।''


ଜୟଶଙ୍କର ଆହୁରି କହିଥିଲେ ଯେ ଏ ସମ୍ପର୍କରେ ଭାରତ ତା'ର ଆବଶ୍ୟକତା ଉପସାଗରୀୟ ଦେଶମାନଙ୍କଠାରୁ ପୂରଣ କରିଥାଏ । ଆମେରିକାରୁ ୮ ପ୍ରତିଶତ ଓ ରୁଷରୁ କେବଳ ୧ ପ୍ରତିଶତ ଅଶୋଧିତ ତୈଳ ଭାରତ କ୍ରୟ କରିଥାଏ । ସେ କହିଥିଲେ ଯେ, ''ମୁଁ ନିଶ୍ଚିତ ଯେ ଯଦି ଆମେ ଦୁଇ- ତିନି ମାସ ଅପେକ୍ଷା କରିବା ଓ ଦେଖିବା ରୁଷରୁ ସର୍ବାଧିକ ତୈଳ ଓ ଗ୍ୟାସ କ୍ରୟ କରୁଥିବା ସବୁଠାରୁ ମୁଖ୍ୟ ଦେଶ କିଏ, ତେବେ ଦେଖିବା ଯେ ଏହି ତାଲିକାରେ କୌଣସି ପ୍ରକାର ବିଶେଷ ପରିବର୍ତ୍ତନ ହୋଇ ନ ଥିବ । ମୋର ଆକଳନ ହେଲା ଯେ ଭାରତ ଏହି ତାଲିକାରେ ପ୍ରଥମ ଦଶଟି ଦେଶ ମଧ୍ୟରେ ନ ଥିବ ।''

ଭାରତର ଏହି ଉତର ବ୍ରିଟେନର ବୈଦେଶିକ ମନ୍ତ୍ରୀ କଦାପି ଆଶା କରି ନ ଥିବେ । ଭାରତକୁ ଏପରି ଉତର ଏଇଥିପାଇଁ ଦେବା ଜରୁରୀ ହୋଇପଡିଥିଲା ଯେ ବାସ୍ତବରେ ରୁଷରୁ ଅଶୋଧିତ ତୈଳ ରିହାତି ଦରରେ କ୍ରୟ ନେଇ ଭାରତ ବିରୁଦ୍ଧରେ ପାଶ୍ଚାତ୍ୟ ଦେଶମାନେ ଏକପ୍ରକାର ଅଭିଯାନ ଆରମ୍ଭ କରି ଦେଇଥିଲେ । ଦୁଇଦିନ ପୂର୍ବରୁ ଆମେରିକାର ଡେପୁଟି ଏନଏସଏ ଦଲିପ ସିଂହ ମଧ୍ୟ ଭାରତ ଆସି ବ୍ରିଟେନ ପରି ସମାନ କଥା କହିଥିଲେ । ସେ କହିଥିଲେ ଯେ ''ରୁଷଠାରୁ ଦ୍ରୁତ ଗତିରେ ଭାରତ ଅଶୋଧିତ ତୈଳ କ୍ରୟ କରୁ, ଏହା ଆମେରିକା ଚାହେଁନାହିଁ ।''

ତେଣୁ ପାଶ୍ଚାତ୍ୟ ଦେଶମାନେ ଭାରତ ଉପରେ ଏହି ପ୍ରସଙ୍ଗରେ ଚାପ ପ୍ରୟୋଗ କରିବାକୁ ଏହି କଥାକୁ ବାରମ୍ବାର ଉଠାଉଛନ୍ତି । ତେଣୁ ଭାରତର ବୈଦେଶିକ ମନ୍ତ୍ରୀ ରୋକଠୋକ ଭାବେ ୟୁରୋପୀୟ ଦେଶମାନଙ୍କୁ ଦର୍ପଣ ଦେଖାଇବା ସହ ଭାରତର ଆଭିମୁଖ୍ୟକୁ ସ୍ପଷ୍ଟ କରି ଦେଇଛନ୍ତି । ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଯାଇଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତର ବୈଦେଶିକ ନୀତି କେଉଁ ବୈଶ୍ୱିକ ମହାଶକ୍ତିର ଚାପରେ ଚାଲୁନାହିଁ । ଏବେକାର ଭାରତ ଆଉ ପୁରୁଣା ଭାରତ ହୋଇ ରହିନାହିଁ । ଏବେକାର ଭାରତ ତା'ର ବୈଦେଶିକ ନୀତି କାହାରି ଚାପରେ ନୁହେଁ; ବରଂ ଭାରତର ଜାତୀୟ ସ୍ୱାର୍ଥ, ଭାରତର ଲୋକମାନଙ୍କର ହିତ ଆଧାରରେ ହିଁ ପରିଚାଳନା କରିଥାଏ । ଏହା ପୁଣି ଥରେ ପ୍ରମାଣିତ ହୋଇଛି ।

# ଆତ୍ମଚିନ୍ତନ

ଅନୀତା ପଟ୍ଟନାୟକ



ରାସ୍ତାରେ ଥକ୍କା ମାରି ଶରୀରଟି ବସି ପଡ଼ିଲା। ଶୂନରୁ ଆରମ୍ଭ ହୋଇଥିବା ଶରୀରକୁ ଆଜି ୮୦ ବର୍ଷ। କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଏହି ଷଡ଼ରିପୁଙ୍କୁ ପଚାରିଲା ଭାଇମାନେ ତୁମକୁ କିପରି ଲାଗୁଛି? ସେମାନେ ଏକସ୍ୱରରେ କହି ଉଠିଲେ ଆମେ ତୁମ ଭିତରେ ଅଛୁ ସତ ହେଲେ ଆମ ମନର ଆଲୋକରେ ଆଲୋକିତ। ମନ ନଥିଲେ ଆମର ତୁମ ଶରୀର ଭିତରେ ଅସ୍ତିତ୍ୱ ନାହିଁ।

ଶରୀର ମନକୁ ପଚାରିଲା ଆଜି କିପରି ଲାଗୁଛି? ମନ କହି ଉଠିଲା ଭାଇ ଶରୀର ମୁଁ ତ କେତେକ ଚିନ୍ତାର ସମଷ୍ଟି ମାତ୍ର। ମୋର କାମ ଷଡ଼ରିପୁଙ୍କୁ ଆଲୋକିତ କରିବା ଓ କାମନାଗୁଡ଼ିକୁ ସୃଷ୍ଟି କରିବା ଓ ତାର ପୂରଣ ନିମନ୍ତେ ତୁମକୁ ଖଟାଇବା। ପ୍ରକୃତ ପକ୍ଷେ କହିବାକୁ ଗଲେ ତୁମର ଶରୀରରେ ଥାଇ ମଧ ମୋର ଅସ୍ତିତ୍ୱ ନାହିଁ। ମତେ କେହି ଦେଖିପାରନ୍ତି ନାହିଁ କାରଣ ମୁଁ ବୁଦ୍ଧିର ଆଲୋକରେ ଆଲୋକିତ ମୋର ନିଜର ଆଲୋକ ନାହିଁ।


ଶରୀର ବୁଦ୍ଧିକୁ ପଚାରିଲା ଭାଇ କିପରି ଅଛ? ବୁଦ୍ଧି କହିଲା କ'ଣ କହିବି? ମନକୁ ଆଲୋକିତ କରିବାକୁ ଚେଷ୍ଟା କରି ଅନେକ ସମୟରେ ମୁଁ ବିଫଳ ହେଉଛି। କାରଣ ମନ ଇନ୍ଦ୍ରିୟ ମାନଙ୍କ ଦ୍ୱାରା ପରିଚାଳିତ ହୋଇ ବେଳେ ବେଳେ ମତେ ଉପେକ୍ଷା କରୁଛି। ମୁଁ ତୁମ ଭିତରେ ଅଛି ସତ କିନ୍ତୁ ମତେ ପଚାରେ କିଏ? ମତେ କେହି ଦେଖି ପାରନ୍ତି ନାହିଁ କାରଣ ମୋର ଅସ୍ତିତ୍ୱ କହିଲେ ବିବେକକୁ ବୁଝାଏ। ବିବେକର ଆଲୋକରେ ମୁଁ ଆଲୋକିତ। ଦେଖୁନ ବୁଦ୍ଧି ଥାଇ ମଧ ଏ ମନ ଶରୀର ଭିତରେ ଇନ୍ଦ୍ରିୟମାନଙ୍କ ଦ୍ୱାରା କବଳିତ ହୋଇ କ'ଣ କରୁଛି? ଛି ମୋ ବୁଦ୍ଧିକୁ। ମୋର ଆଲୋକରେ ମନ ଆଲୋକିତ, କିନ୍ତୁ ମୋ' ଦ୍ୱାରା ସେ ପରିଚାଳିତ ହେବାକୁ ଚାହୁଁନାହିଁ। ଶରୀର ଏଥର ବୁଦ୍ଧି ପାଖରୁ ମୁହଁ ଫେରାଇ ବିବେକକୁ ପଚାରିଲା। ଭାଇ କିପରି ଅଛ? ଏବେ କେମିତି ଲାଗୁଛି? ବିବେକ କହି ଉଠିଲା ଭୁଲ ଠିକର ବିବେଚନା କରୁ କରୁ ତୁମ ଶରୀର ଭିତରେ କେବେ ମୁଁ କ୍ଳାନ୍ତି ଅନୁଭବ କରିନାହିଁ। ହଂସ ପାଣିରୁ କ୍ଷୀରକୁ ଅଲଗା କରି ପିଇବା ପରି ମୁଁ ବୁଦ୍ଧିକୁ ସଦାସର୍ବଦା ଭଲ ରାସ୍ତାରେ ଯିବା ପାଇଁ ପରିଚାଳିତ କରୁଛି। ହେଲେ ବୁଦ୍ଧି ତା'ର ଦୁଇ ପ୍ରକାର ଆଚରଣ ଯଥା: ନଷ୍ଟ ବୁଦ୍ଧି ଓ ଭଲ ବୁଦ୍ଧି ମନ ପାଖକୁ ପ୍ରେରିତ କରୁଛି। ମନ ଇନ୍ଦ୍ରିୟ ଲାଳସାରେ ପଡ଼ି ଦୁଷ୍ଟବୁଦ୍ଧି ଦ୍ୱାରା ପରିଚାଳିତ ହୋଇ ଆଜି ତୁମକୁ ଜୀବନର ଅପରାହ୍ନରେ ହାଲିଆ କରି ପକେଇଛି। ତୁମେ ଯେଉଁ ଭାଗବତ ପ୍ରାପ୍ତିର ଉଦ୍ଦେଶ୍ୟ ନେଇ ଏ ଧରାପୃଷ୍ଠରେ ଅବତରଣ କରିଥିଲ ମନ ତୁମକୁ ପଥଭ୍ରଷ୍ଟ କରିଛି। ତୁମକୁ ଉଦ୍‌ଭ୍ରାନ୍ତ କରିଛି। ତୁମକୁ ସ୍ରଷ୍ଟାଙ୍କ ଆଡ଼କୁ ନମୁହାଁଇ ସୃଷ୍ଟି ଆଡ଼କୁ ମୁହାଁଇ ଦେଇଛି। ଇନ୍ଦ୍ରିୟ ଲାଳସାର ଉପଭୋଗରେ ତୁମେ ଆଜି କ୍ଲାନ୍ତଶ୍ରାନ୍ତ ଏକ ପଥିକ ହେଲେ ମୋର ଏଥିରେ କିଛି ଦୋଷ ନାହିଁ। ମୁଁ ଶରୀର ଭିତରେ ଥାଏ ମତେ କେହି ଦେଖିପାରନ୍ତି ନାହିଁ କି ପଚାରନ୍ତି ନାହିଁ। ମୋର ନିଜର ଅସ୍ତିତ୍ୱ ବୋଲି କିଛି ନାହିଁ। ମତେ କେବଳ ଅନୁଭବ କରିହୁଏ। କାରଣ ମୁଁ ଆତ୍ମାର ଆଲୋକରେ ଆଲୋକିତ। ମୋର ନିଜର ଆଲୋକ ନାହିଁ।

ଭାଇ! ଆତ୍ମା ଯଦି ନାହିଁ ତେବେ ବିବେକ ନାହିଁ, ଯଦି ବିବେକ ନାହିଁ ତେବେ ବୁଦ୍ଧି ନାହିଁ, ଯଦି ବୁଦ୍ଧି ନାହିଁ ତେବେ ମନ ନାହିଁ, ଯଦି ମନ ନାହିଁ ତେବେ ଇନ୍ଦ୍ରିୟ ଲାଳସା ନାହିଁ। ଯଦି ସବୁ କିଛି ନାହିଁ ତେବେ ପୃଥିବୀରେ ତୁମର ମଧ କିଛି ପ୍ରୟୋଜନ ନାହିଁ। ଶରୀର ଏଥର ଆତ୍ମା ସହିତ କଥାବାର୍ତ୍ତା କରିବା ପାଇଁ ଚେଷ୍ଟା କଲା। ଆତ୍ମା କହିଉଠିଲା ଭାଇ ଶରୀର! ମୁଁ ସଦା ଆଲୋକିତ ସଦା ଆନନ୍ଦରେ ପୂର୍ଣ୍ଣ। ମୁଁ ଚିଦାନନ୍ଦ, ହେଲେ ଏ ଶରୀରର ବନ୍ଧନରୁ ମୁକ୍ତ ହୋଇ ପରମାନନ୍ଦରେ ମିଶିବା ପାଇଁ ମୁଁ ସର୍ବଦା ବ୍ୟାକୁଳ। ମୋର ଅନୁରୋଧକୁ ତୁମେ କେବେ ବି କର୍ଣ୍ଣପାତ କରନାହିଁ। ଜୀବନରେ କାଁ ଭାଁ କେତେବେଳେ କେମିତି କୌଣସି ମନ୍ଦିର, ମସଜିଦ, ଗୀର୍ଜାକୁ ମତେ ନେଇଯାଇଥାଅ। ତୁମେ ମୁଁ ଓ ମୁଁ ତୁମେ ଏପରି ଚରମ ଉପଲବ୍ଧିରେ ମତେ ଜୀବନରେ କେବେ ଭସାଇ ଦେଇନାହଁ। ସବୁବେଳେ ଦ୍ୱୈତ ମନୋଭାବ ରଖି ମୋର ତୋର କରି ଜୀବନସାରା ଆଡ଼େଇ ଆସିଛ। କିନ୍ତୁ କ'ଣ କରିବି ଭାଇ ମୁଁ ଅବିନଶ୍ୱର ମୁଁ ଖଡ଼ଗଦ୍ୱାରା କଟାଯାଇପାରେ ନାହିଁ, ଅଗ୍ନି ଦ୍ୱାରା ଦହନ ହୁଏନାହିଁ, ପବନ ଦ୍ୱାରା ମୁଁ ଶୁଷ୍କ ହୋଇପାରେ ନାହିଁ। ତୁମକୁ ଆଜି ମୁଁ ଛାଡ଼ି ଯାଉଛି କ୍ଷମା କରିଦେବ ବନ୍ଧୁ। ପରମାତ୍ମାଙ୍କ ସହ ମୋର ମିଳନ ପାଇଁ ମୁଁ ଯେଉଁ ବ୍ୟାକୁଳିତ ଥିଲି, ସେ ସମୟ ଉପନୀତ।

*-ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡ଼ିଏ, କଟକ, ଦୂରଭାଷ : ୯୮୬୧୧୧୮୬୭୩*


# ଆଧ୍ୟାତ୍ମିକ ଖାଦ୍ୟ ଓ ସାତ୍ତ୍ୱିକ ଚିନ୍ତନ

---ପ୍ରଫେସର ଡାକ୍ତର ମଦନମୋହନ ସାହୁ---



ଏକ ନିରୋଗ ଶରୀର ମାଧମରେ ସୁଖଶାନ୍ତିଭରା ଜୀବନଯାପନ କରିବା ପାଇଁ ଖାଦ୍ୟର ଉପାଦେୟତା ବିଷୟରେ ସାଇବାବା ଅନେକ ସମୟରେ ଭକ୍ତମାନଙ୍କୁ ଓ ସ୍ୱାସ୍ଥ୍ୟ ଶିବିରରେ ସେବା ପାଇଁ ଯାଇଥିବା ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଉପଦେଶ ଦେଇଥାନ୍ତି। ମନୁଷ୍ୟ ଜୀବନ କ୍ଷଣସ୍ଥାୟୀ। କେତେବେଳେ କାହାର ଜୀବନ ପ୍ରଦୀପ ନିର୍ବାପିତ ହୋଇଯିବ ତାହା କହିହେବ ନାହିଁ। ସେଥିପାଇଁ ମନୁଷ୍ୟ ଜୀବନକୁ ପାଣି ଫୋଟକା ସହିତ ତୁଳନା କରାଯାଇଛି। ତଥାପି ଯେତେଦିନ ଏ ସଂସାରରେ ବଞ୍ଚିଥିବା ଏ ଶରୀରକୁ ସୁସ୍ଥ ରଖିବା ପାଇଁ ଯତ୍ନବାନ ହେବା। କାରଣ ଏ ସଂସାର ସାଗରକୁ ସୁରୁଖୁରୁରେ ପାର ହେବା ପାଇଁ ଶରୀର ଏକମାତ୍ର ମାଧମ ଗଭୀର ତରଙ୍ଗାୟିତ ସମୁଦ୍ରକୁ ପାର ହେବା ପାଇଁ ଏକ ନିଖୁଣ ପୋତର ଆବଶ୍ୟକତା ଥିଲାପରି ନାନା ଝଡ଼ଝଞ୍ଜା ମଧଦେଇ ଗତି କରୁଥିବା ଅମୂଲ୍ୟ ମାନବ ଜୀବନକୁ ସୁରୁଖୁରୁରେ ଚଳାଇ ନେବା ପାଇଁ ଏକ ସୁସ୍ଥ ଶରୀର ଆବଶ୍ୟକ। ଜାହାଜରେ ଛିଦ୍ର ଥିଲେ ଗଭୀର ସମୁଦ୍ର ମଧରେ ଜାହାଜଟି ବୁଡ଼ିଗଲା ପରି ରୋଗାକ୍ରାନ୍ତ ଶରୀର ଅସମୟରେ ମୃତ୍ୟୁବରଣ କରେ। ମାନବ ଶରୀର ସହଜରେ ନାନା ପ୍ରକାର ରୋଗବ୍ୟାଧି ଆକ୍ରାନ୍ତ ହୋଇ ଦୁର୍ବଳ ଓ ଅକର୍ମଣ୍ୟ ହୋଇ ଅନ୍ୟମାନଙ୍କ ପାଇଁ ବୋଝ ହୋଇଥାଏ। ଗୋଟିଏ ସୁସ୍ଥ ଶରୀର ଅନ୍ୟମାନଙ୍କ ପାଇଁ ବୋଝ ନ ହୋଇ ଉତ୍ତମ ସ୍ୱାସ୍ଥ୍ୟକୁ ସର୍ବଶ୍ରେଷ୍ଠ ସମ୍ପଦ ବୋଲି ଅଭିହିତ କରାଯାଇଛି। ବାବାଙ୍କ ମତରେ ସରଳ ଜୀବନ ଯାତ୍ରାର ପ୍ରଣାଳୀ ଅବଲମ୍ବନ ସହଜ ସାବଲୀଳ ଶାରୀରିକ ବ୍ୟାୟାମ ଓ ଖାଦ୍ୟ ଉପରେ ନିଜର ନିୟନ୍ତ୍ରଣ ରଖିପାରିଲେ ଶରୀର ସୁସ୍ଥ ରହେ। ଖାଦ୍ୟପଦାର୍ଥର ସ୍ୱାଦୁ ଜାଣିବା ପାଇଁ ଜିହ୍ୱା ମୁଖ୍ୟ ଭୂମିକା ଗ୍ରହଣ କରୁଥିବାରୁ ସୁସ୍ୱାଦୁ ଖାଦ୍ୟ ଗ୍ରହଣ କରିବା ପାଇଁ ଜିହ୍ୱା ମନକୁ ପ୍ରଭାବିତ କରିଥାଏ। ଫଳରେ ଅନିୟନ୍ତ୍ରିତ ମନର ପ୍ରଭାବରେ ଅଧିକ ପରିମାଣରେ ସୁସ୍ୱାଦୁ ଖାଦ୍ୟ ଗ୍ରହଣ କରିବା ଶରୀର ରୋଗାକ୍ରାନ୍ତ ହୋଇଥାଏ। ଅଧିକ ଚର୍ବି ଜାତୀୟ ଖାଦ୍ୟ, ତେଲ ଘିଅ ଓ ଶ୍ୱେତସାର ଖାଇବା ଦ୍ୱାରା ଶରୀରର ସ୍ଥୂଳତା ବୃଦ୍ଧି ପାଏ। ଅଧିକ ମସଲା, ରାଗ, ଚା, କଫି ଓ ମଦ୍ୟପାନ ପାକସ୍ଥଳୀ ଓ ଅନ୍ତଃନଳୀରେ ପ୍ରଦାହ ସୃଷ୍ଟି କରେ। ନିୟମିତ ଭାବେ ଖାଦ୍ୟ ଗ୍ରହଣର ବ୍ୟବଧାନ ଉପରେ ଦୃଷ୍ଟିରଖି ଖାଦ୍ୟ ଗ୍ରହଣ କଲେ ପାଚନ କ୍ରିୟା ସ୍ୱାଭାବିକ ହେବା ସହ ଶରୀର କାର୍ଯ୍ୟକ୍ଷମ ରହେ। ଖାଦ୍ୟର ପରିମାଣ ଓ ଗୁଣାତ୍ମକ ମାନ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରିଥାଏ। ବିଭିନ୍ନ ଖାଦ୍ୟ ଗ୍ରହଣ ଦ୍ୱାରା ଶରୀର ମଧରେ ଉତ୍ପନ୍ନ ହେଉଥିବା ଭିନ୍ନ ଭିନ୍ନ ପ୍ରକାରର ଶକ୍ତି ଦେହ ଓ ମନକୁ ବିଭିନ୍ନ ଭାବରେ ପରିଚାଳିତ କରେ। ସାଇବାବା କହନ୍ତି ଯେପରି ଖାଦ୍ୟ ସେପରି ମନ। ଯେପରି ମନ ସେପରି ଚିନ୍ତା, ସେପରି ବ୍ୟବହାର ଓ କାର୍ଯ୍ୟ ଏବଂ ଯେପରି କାର୍ଯ୍ୟ ସେପରି ସ୍ୱାସ୍ଥ୍ୟ, ଖାଦ୍ୟ ମନୁଷ୍ୟକୁ ଚଳଚଞ୍ଚଳ କାର୍ଯ୍ୟକ୍ଷମ, ମାନ୍ଦା, ଚିନ୍ତାଗ୍ରସ୍ତ, ବିଷାଦଚିତ୍ତ ବା ପ୍ରଫୁଲ୍ଲ ରଖେ। ଖାଦ୍ୟର ପ୍ରକାରଭେଦ ଏକାଗ୍ରତାକୁ ନୟନ୍ତ୍ରିତ କରେ। ଖାଦ୍ୟ ପରିମାଣ ଓ ଗୁଣାତ୍ମକମାନ ଆତ୍ମସଂଯଜମର ହ୍ରାସ ବୃଦ୍ଧିକୁ ମଧ ନିୟନ୍ତ୍ରିତ କରେ। ବାବା ମନୁଷ୍ୟର ଖାଦ୍ୟ ଗ୍ରହଣକୁ ପଶୁପକ୍ଷୀମାନଙ୍କ ଖାଦ୍ୟ ଗ୍ରହଣ ସହିତ ତୁଳନା କରି କହିଛନ୍ତି ଜ୍ୱରରେ ଆକ୍ରାନ୍ତ କୁକୁର ଖାଦ୍ୟ ଖାଏନାହିଁ। ମାଲିକ ତା' ପାଖରେ ଯେତେ ଚକ୍ଷୁ ରୋଚକ ସୁସ୍ୱାଦୁ ଖାଦ୍ୟ ରଖିଲେ ମଧ ସେ ଖାଦ୍ୟ ନଖାଇ ଶୋଇ ରହେ। ମନୁଷ୍ୟ ଜ୍ୱରରେ ଆକ୍ରାନ୍ତ ହେଲେ ଔଷଧ ବ୍ୟବହାର କରି ସାମୟିକ ଭାବେ ସୁସ୍ଥ ହୋଇ ମନଇଚ୍ଛା ଖାଦ୍ୟ ଗ୍ରହଣ ଦ୍ୱାରା ଅଧିକ ଅସୁସ୍ଥ ହୋଇଯାଏ। ପକ୍ଷୀମାନେ ମଧ ରୋଗଗ୍ରସ୍ତ ହେଲେ ଖାଦ୍ୟ ବର୍ଜନ କରନ୍ତି। ପଶୁପକ୍ଷୀମାନେ ରୋଗଗ୍ରସ୍ତ ହେଲେ କେବଳ ନିଜ ନିଜର ଖାଦ୍ୟକୁ ନିୟନ୍ତ୍ରଣ କରିବା ଦ୍ୱାରା ଆରୋଗ୍ୟ ହୋଇଥାଆନ୍ତି। ମନୁଷ୍ୟ କିନ୍ତୁ ନିଜର ଖାଦ୍ୟ ଉପରେ ନିୟନ୍ତ୍ରଣ ରଖେନାହିଁ। ଖାଦ୍ୟ ସମ୍ବନ୍ଧରେ ଗାଆଁମାନଙ୍କରେ ଗୋଟିଏ ଲୋକପ୍ରିୟ ସତର୍କବାଣୀ ହେଲା- ***"ଖାଇ ଶୋଇଲେ ବଢ଼ଇ ଆୟୁ, ଖାଇ ଧାଇଁଲେ ବଢ଼ଇ ବାୟୁ, ଖାଇ ବସିଲେ ବଢ଼ଇ ପେଟ ଓ ଖାଇ ଖାଇଲେ ଯମର ଭେଟ।"*** ହିନ୍ଦୁଶାସ୍ତ୍ରରେ ଖାଦ୍ୟକୁ ସାତ୍ତ୍ୱିକ, ରାଜସିକ ଓ ତାମସିକ ଏହି ତିନିଭାଗରେ ବିଭକ୍ତ କରାଯାଇଛି। ବିଭିନ୍ନ ଖାଦ୍ୟ ମନୁଷ୍ୟର ଦେହ ଓ ମନରେ ଭିନ୍ନ ଭିନ୍ନ ଅବସ୍ଥା ସୃଷ୍ଟି କରିଥାଏ। ସାତ୍ତ୍ୱିକ ଖାଦ୍ୟ ମନରେ ଭାବପ୍ରବଣତା ସୃଷ୍ଟି ନକରି ମନକୁ ନିଶ୍ଚଳ ରଖେ। ରାଜସିକ ଖାଦ୍ୟ ମନରେ ଭାବ ପ୍ରବଣତା ସୃଷ୍ଟି କରେ ଓ ତାମସିକ ଖାଦ୍ୟ ମନରେ ଉତ୍ତେଜନା, କ୍ରୋଧ, ପ୍ରତିହିଂସା, କାମୁକତା ଆଦି ଦୁର୍ଗୁଣ ସୃଷ୍ଟି କରେ। ଆଧ୍ୟାତ୍ମିକ ମାର୍ଗକୁ ପସନ୍ଦ କରୁଥିବା ବ୍ୟକ୍ତିମାନେ ସର୍ବଦା ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଶରୀର ସୁସ୍ଥ ରହିବା ସହିତ ମନ ଶାନ୍ତ, ଶିଷ୍ଟ, ନିଶ୍ଚଳ ଓ ପବିତ୍ର ରହେ। ମଦ ଓ ମାଂସର ମନୁଷ୍ୟ ଶରୀର ଉପରେ ପଡୁଥିବା କୁପ୍ରଭାବ ବିଷୟରେ ବାବା ଅନେକ ସମୟରେ ସତର୍କ କରାଇ ଦେଇଥାନ୍ତି। ମାଂସ ଭକ୍ଷଣ ଦ୍ୱାରା ମନରେ ହିଂସ୍ର ପ୍ରବୃତ୍ତି ଜାତ ହୁଏ। ମାଂସ ଖାଇବା ପାଇଁ ପଶୁଟିକୁ ହତ୍ୟା କଲାବେଳେ ତା' ମନରେ ଯେଉଁ ପ୍ରତିକ୍ରିୟା ଓ ଭାବାନ୍ତର ସୃଷ୍ଟି ହୁଏ ତାହା ମାଂସଭକ୍ଷଣକାରୀ ମନ ଉପରେ ମଧ ପ୍ରଭାବ ପକାଇପାରେ। ଖାଦ୍ୟର ମନ ଉପରେ ପ୍ରଭାବ ବିଷୟରେ ବାବା ମହାଭାରତରେ ଥିବା ଭୀଷ୍ମଙ୍କ ଉଦାହରଣ ଦେଇଥାଆନ୍ତି। ଭୀଷ୍ମ ଶରଶଯ୍ୟାରେ ଥିବାବେଳେ ପାଣ୍ଡବମାନେ ସପରିବାର ତାଙ୍କୁ ଦର୍ଶନ କରିବା ପାଇଁ ଗଲେ। ଶରଶଯ୍ୟାରେ ଥାଇ ଭୀଷ୍ମ ପାଣ୍ଡବମାନଙ୍କୁ ସଦାଚାର ବିଷୟରେ କିଛି ଉପଦେଶ ଦେଲେ। ତାହାଶୁଣି ଦ୍ରୌପଦୀ ତାସ୍ଛଲ୍ୟକରି ହସିବାକୁ ଲାଗିଲେ। କାଳେ ପିତାମହ ଖରାପ ଭାବିବେ ସେଥିପାଇଁ ପାଣ୍ଡବମାନେ ଦ୍ରୌପଦୀଙ୍କୁ ବାରଣ କଲେ। ଭୀଷ୍ମ ହସିବାର କାରଣ ବିଷୟ ପଚାରିବାରୁ ଦ୍ରୌପଦୀ କହିଲେ, ''ଆପଣ ଏତେଦିନ ଧରି କୌରବମାନଙ୍କର ଉପଦେଷ୍ଟା ହୋଇ ରହି ତାଙ୍କୁ ଯଦି ଏ ବିଷୟରେ ଶିକ୍ଷା ଦେଇଥାଆନ୍ତେ ଓ ନିଜେ ଯୁଦ୍ଧ କରିବାରୁ ନିବୃତ୍ତ ରହିଥାଆନ୍ତେ ତା'ହେଲେ ଆଜି ଏପରି ଏକ ଦୁର୍ଭାଗ୍ୟଜନକ ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା। ଏହି ଧାରଣା ମୋ ମନରେ ଆସିବାରୁ ଆପଣଙ୍କ କଥା ଶୁଣି ମୋତେ ହସ ଲାଗିଲା।'' ଭୀଷ୍ମ ଉତ୍ତର ଦେଲେ କୌରବମାନଙ୍କ ଅଗ୍ନିରେ ମୋର ଏ ଶରୀର ପ୍ରତିପାଳିତ ହୋଇ ଆସୁଥିବାରୁ ମୋ' ଶରୀରର ରକ୍ତ ସେମାନଙ୍କ ଖାଦ୍ୟ ଦ୍ୱାରା ଗଠିତ ହୋଇଥିଲା। ତେଣୁ ସେମାନେ ମୋତେ ଯାହା ଚାହୁଁଥିଲେ ମୋ'ମନ ତାହା କରିବାକୁ ନିର୍ଦ୍ଦେଶ ଦେଉଥିଲା ଓ ମୁଁ ତାହା କରୁଥିଲି। ଶରଶଯ୍ୟାରେ ରହିବା ଫଳରେ ମୋ'ଦେହରୁ ସେ ଦୂଷିତ ରକ୍ତ ବାହାରିଯାଇ ମୋ' ମନକୁ ପବିତ୍ର କରି ଦେଇଛି। ତେଣୁ ମୁଁ ଆଜି ଏ ଉପଦେଶ ଦେବାକୁ ସମର୍ଥ ହୋଇଛି। ମହାପ୍ରଭୁ ଶ୍ରୀ ଅରବିନ୍ଦ ତାଙ୍କ ଆଧ୍ୟାତ୍ମିକ ଦିଗଦର୍ଶନରେ କହିଛନ୍ତି ଖାଦ୍ୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇ ଚିନ୍ତାଧାରାକୁ ମଧ ନିୟନ୍ତ୍ରିତ କରେ। ଦୈନନ୍ଦିନ ଜୀବନରେ ସାତ୍ତ୍ୱିକପୂର୍ଣ୍ଣ ଚିନ୍ତନ ଠାରୁ ଖାଦ୍ୟ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଗଠନ ପାଇଁ ସହାୟକ ହୋଇଥାଏ। ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଏହି ଅନୁଚିନ୍ତନ ସମସ୍ତଙ୍କ ପାଇଁ ଏକାନ୍ତ ଧ୍ୟେୟ ହେଉ ଏହା ହିଁ କାମନା।

*-ପ୍ରଫେସର (ଅସ୍ଥିଶଲ୍ୟ ବିଭାଗ), ପିଏମ୍ଆର ମେଡ଼ିକାଲ କଲେଜ, ବାରିପଦା, E-mail : drmadanmohan111sahoo@gmail.com*




# ତୁମେ ପରମ ଆତ୍ମୀୟ



ଅପ୍ରେଲ 'ଆଠ' - ଆପଣଙ୍କର ଏ ଶୋଭନୀୟ ପଥରେ ବିଶ୍ୱକୁ ଅନୁଗାମୀ ଓ ପବିତ୍ର ମୁହୂର୍ତ୍ତ। ଭୀଷଣ ଭୟଙ୍କର ଏ ରାତ୍ରି। ସବୁବେଳେ ଆସେନା। ଏ ଦିବ୍ୟାନୁଭୂତିର ମିଳେନା। ଏହି ସମୟରେ ମନରେ ଶୁଦ୍ଧ ଦିଗ୍‌ବିଦିଗରେ ତୁମ ସଦ୍‌ଭାବନାର ମହକ ଚତୁର୍ଦ୍ଦିଗରେ ଖେଳିବୁଲେ। ସୂର୍ଯ୍ୟ ଲାଗେ ସବୁ ମଣିଷଙ୍କ ମୁହଁ ବି ଲାଗେ ନୂଆ ନୂଆ। ଧରାପୃଷ୍ଠରେ ଅବତରଣର ମୋହଭଗ୍ନ ଲଗ୍ନ। କରାଇବା ପାଇଁ ଚମତ୍କାର ଚେତନାର ମହୋତ୍ସବ ଅପର ପକ୍ଷରେ ଅତି ବିରଳ ଏ ତିଥି। ମହାର୍ଘ ମୁହୂର୍ତ୍ତ ଅଣ୍ଡାଳି ହେଲେ ବି ପଛରେ ସୁଭାବର ରଙ୍ଗ ଲାଗେ। ରଙ୍ଗୀନ କାଗଜରେ ସମାଜ ବନକୁ ବାସ୍ନାୟିତ କରେ। ପବନରେ ନୂଆ ନୂଆ। କିଛି ନୂଆ ସମ୍ଭାବନାର ଆଶାରେ ସବୁ ପାଦପର କିଶଳୟ, ମର୍ମରିତ ପତ୍ର, ନଦୀର ଜଳଧାରା, ସାଗରର ଉର୍ମି, ନୀଳ ଆକାଶର ପହଁରା ବାଦଲ, ଦେବାଳୟର ଘଣ୍ଟ, ସନ୍ଧ୍ୟାର ଦୀପାଞ୍ଜଳି ଆଉ ହୃଦୟବେଦୀର ଦୀପାଲୋକ - ସବୁ କେମିତି ତୁମ ଆଗମନୀର କସ୍ତୁରୀ ବାସ୍ନାରେ ବିହ୍ୱଳ ମଧୁରତା ଭରା ନୂତନ ଅନୁଭୂତିରେ ପବିତ୍ରରୁ ପବିତ୍ରତମ ହୋଇଉଠେ। ନବ ସଂକଳ୍ପର ମାଧୁର୍ଯ୍ୟଲୋକରେ ହାଲୋରମୟ ହୁଏ। ଏହି ଦିବ୍ୟ ମୁହୂର୍ତ୍ତ ସତରେ ବହୁ ଅପେକ୍ଷିତ, ବହୁ ପ୍ରତୀକ୍ଷିତ, ବହୁ ଆକାଂକ୍ଷିତ। ଜଣେ ନୁହେଁ ସମଗ୍ର ପୃଥିବୀବାସୀଙ୍କ ପାଇଁ ଏ ମହା ମହାର୍ଘ ଶୁଭମୟ ଲଗ୍ନ। କାହିଁ ଦୀପ, ଧୂପ, ଦୂବ, ଅକ୍ଷତ, ଭକ୍ତି, ନୈବେଦ୍ୟର ପ୍ରସ୍ତୁତି? ସୁନ୍ଦର ଏ ପୃଥିବୀ ଯେ ଆଜି ଅଶୋଭନୀୟତାର ଗହନ ଅନ୍ଧାରି ଗହ୍ୱରରେ ନିକ୍ଷେପିତ ହେବାକୁ ଗତିରେ ଖୁବ୍ ଦ୍ରୁତ। ଏବେ ଶୋଭନୀୟତା - ମାନବିକତାର ଏକାନ୍ତ ଜରୁରୀ - ଏହା ବୁଝି, ସେହି ଶୋଭନୀୟ ପ୍ରଭୁଙ୍କ ଆରାଧନା ପାଇଁ ଆମେ ନିଜକୁ କିଭଳି ପ୍ରସ୍ତୁତ କରିଛନ୍ତି? ଆମେ ଏ ସନ୍ତ୍ରାସବାଦ, ଆତଙ୍କବାଦ, ସଂଘର୍ଷବାଦ, ଯୁଦ୍ଧ ହାହାକାର, ପାଶବିକତା, ନଗ୍ନତା, ଅଶ୍ଳୀଳତା, ବିଶ୍ୱାସଘାତକତା, ବିଦ୍ୱେଷ ଓ ବୀଭତ୍ସତାକୁ ଆଉ ପାରୁନୁ। ସେହି ପ୍ରଭୁ ଆମ ଭିତରକୁ ଅବତରି ଆସିଲେ, ସବୁ ଠିକ୍ ହୋଇଯିବ। ଧ୍ୱଂସ ପାଇଯିବା ନା ତାଙ୍କୁ ଆବାହନ କରି ସୁରକ୍ଷିତ ହୋଇଯିବା? ଯଦି ସୁରକ୍ଷା ଚାହାନ୍ତି, ତାଙ୍କ ଆଗମନୀ ପାଇଁ, ତାଙ୍କର ତୁଷ୍ଟି, ସନ୍ତୋଷ ବିଧାନ ପାଇଁ କି ଯଜ୍ଞର ଆୟୋଜନ ଆମ୍ଭ ଭିତରେ? ଶିଶୁଭଳି ବିକଳ ହୋଇ ହୃଦୟକୁ ଉନ୍ମୁକ୍ତ କରିଲେ ଆମେ ପାଦତଳେ ବିକଳ ହୋଇପାରୁଛନ୍ତି କି? ଖେଳନା ଫିଙ୍ଗିଦେଇ, ସବୁ ତୁଚ୍ଛକରି ପିଲା ମା' ମା'ବୋଲି କାନ୍ଦିଉଠିଲା ପରି ଆମେ ତାଙ୍କୁ ଐକାନ୍ତିକ ଭାବେ ପୃଥିବୀବାସୀ ଖୋଜୁଛୁ କି? ସେ ଆକାଶରେ ଭସା ଭସା ବାଦଲରେ ବିଚରଣ କରିପାରନ୍ତି, ଅସୀମ ଅନ୍ତରୀକ୍ଷରେ ପରିକ୍ରମା କରୁଥାନ୍ତି ପୁଣି ବିଶାଳ ସମୁଦ୍ରର ତରଙ୍ଗାୟିତ ଉର୍ମିମାଳାରେ ଭାସୁଥାନ୍ତି। ତେବେ ଭକ୍ତି ଜଳକଣାରେ ପୂର୍ଣ୍ଣ ଆମ ହୃଦୟସିନ୍ଧୁକୁ କାହିଁକି ସେ ନ ଆସିବେ? ସେ ପରା ଭାବ ବିନୋଦିଆ। ଭକ୍ତି, ପ୍ରୀତିର ଅତିଥି - ଯାହାଙ୍କର ତିଥି ନାହିଁ, ସର୍ବବ୍ୟାପକ। ତାଙ୍କୁ କ'ଣ ଆମେ ବୁଝିଛନ୍ତି? ବୁଝିଛନ୍ତି ସେ ଯେତିକି ଆମକୁ ଗଭୀର ଆତ୍ମୀୟତାରେ ଭଲ ପାଆନ୍ତି - ଝର ଝର ଲୁହ ଝରାଇ - 'ବିଶ୍ୱବାସୀ ହସ ମୋ ହସ, ତାଙ୍କ ଲୁହ ମୋ ଲୁହ' - ଗାଉଥାଆନ୍ତି। ଆମେ ସେତିକି ତାଙ୍କୁ ଭଲପାଉ କି? ନିଜକୁ ତ୍ରୁଟିଶୂନ୍ୟ କରି ତାଙ୍କୁ ସ୍ୱାଗତିବାକୁ ସେପରି ଆକୁଳ ହେଉ କି? ଆଖି ବୁଜି ସେହି ଦିବ୍ୟ ମୂର୍ତ୍ତିକୁ ଥରେ ମନଃ ଚକ୍ଷୁରେ ମୁଁ, ଆପଣ, ଆମେ ସମସ୍ତେ ଦେଖିବା ଯାହାଙ୍କ ଲେଖନୀରୁ ନୁହେଁ ହୃଦୟରୁ ଗଭୀର ଧ୍ୟାନସ୍ଥ ମୁଦ୍ରିତ ନୟନ, ସ୍ଫୁରିତ ଓଷ୍ଠଧାରରୁ ଝରୁଥିଲା - 'ଜଗତର ସବୁ ଲୁହ ଦେଇ ମୋତେ, ଜଗତକୁ ସୁଖୀ କରାଅ'ର କରୁଣାଭରା ଅମୃତ ବର୍ଷା।

ସେହି ଶୋଭନୀୟ ପ୍ରଭୁଙ୍କୁ ଯେ ଜାଣିଛି, ସେ ଅଜଣା ପାଖରେ ତାଙ୍କ କଥାକୁ ପହଞ୍ଚାଇ ଦେଉ। କାନରୁ କାନକୁ, ରାଜ୍ୟରୁ ରାଜ୍ୟକୁ, ଦେଶରୁ ଦେଶକୁ, ମହାଦେଶରୁ ତାହା ସଞ୍ଚରିଯାଉ। ପ୍ରାର୍ଥନାର ଶକ୍ତି ଅମାପ। ଆମେ ସମସ୍ତେ ପୃଥିବୀବାସୀ, ବିକଳ ହୋଇ ତାଙ୍କୁ ଡାକିଲେ,ଳ ପ୍ରାର୍ଥନା କଲେ, ଝୁରି ହେଲେ, ସେ ଭକ୍ତ ବଲ୍ଲଭ ବୈକୁଣ୍ଠପୁରୀ ଛାଡ଼ି ନିଶ୍ଚେ ଓହ୍ଲାଇ ଆସିବେ ଧୂଳ ଧୂସରିତ ପୃଥିବୀକୁ - ଆମ ପାଖକୁ। ସେ ପରା ଗରିବ ସୁଦାମାର ସାଥୀ, ଶବରୀ ଅଇଁଠାଖିଆ, ପ୍ରତି ପ୍ରେମିକ ଆତ୍ମାର ପରମାତ୍ମୀୟ! ଆମେ ତାଙ୍କୁ ଡାକୁନୁ। ଡାକିଲେ ସେ କ'ଣ ରହି ପାରିବେ ? ଆମେ ଭୌତିକ ସୁଖରେ, ନିଜ ଇଚ୍ଛାରେ ପୂର୍ତ୍ତିରେ ଭ୍ରମିତ। ତାଙ୍କୁ ଆମେ ଭୁଲିଯାଉଛୁ। ନିଜ ସ୍ରଷ୍ଟାଙ୍କ ନିୟମର ବିରୁଦ୍ଧାଚରଣ କରି ତାଙ୍କୁ ଅପମାନିତ କରୁଛୁ। ଶ୍ରେଷ୍ଠ ଜୀବ ମନୁଷ୍ୟରୂପେ ଆମକୁ ଗଢ଼ି କେତେ ସୁନ୍ଦର ଆଶା ଓ ସେ ଆମଠାରେ ନ ରଖିଥିଲେ? କ'ଣ ବା ଆମ ପାଇଁ ସୁଖ, ସୁବିଧା, ସ୍ୱାଚ୍ଛନ୍ଦ୍ୟ ନ ଖଞ୍ଜିଛନ୍ତି ସେ? ପୁଣି ଯେତେ ଭୁଲ କରିଥାଅ ପଛେ ଟିକିଏ ଅସୁବିଧା ପଡ଼ିଲେ ତାଙ୍କୁ ସ୍ମରଣ କଲାମାତ୍ରେ, ସେ ବିପତ୍ତିରୁ ଉଦ୍ଧାର କରିବାକୁ ତାଙ୍କ ଚକ୍ରରେ ଟିକେ ଉହାଡ଼ କରିଦିଅନ୍ତି। ଆଃ! ତାଙ୍କପରି ପରମ ବନ୍ଧୁ, ପରମସଖା, ଜନ୍ମ ଜନ୍ମାନ୍ତରର ପିତାମାତା, ଆତ୍ମୀୟ, ହିତୈଷୀ, ଦ୍ୱିତୀୟ ବା କିଏ ଅଛି? ତାଙ୍କରି ଚରଣ ତଳର ଆଶ୍ରୟ ଏକମାତ୍ର ଶ୍ରେୟ, ତାଙ୍କ ସମ୍ବିଧାନକୁ ମାନିବା ଏକମାତ୍ର ପଥ ତଥା ଶୋଭନୀୟ ପୃଥିବୀ ପାଇଁ ସେ କେବଳ ହିଁ ଗତି ଆଉ ମୁକ୍ତିର ମନ୍ତ୍ର। ହଁ, ଅସଲ କଥାଟି ରହିଯାଇଛି କହିବାକୁ ସେହି ପରମ ଆତ୍ମୀୟଙ୍କୁ। ଏଥର ଅପ୍ରେଲ ଆଠରେ କ'ଣ କରାଯିବ, କ'ଣ କୁହାଯିବ, ଶୋଭନୀୟ ଆନ୍ଦୋଳନ ପକ୍ଷରୁ? ଆପଣ ବତାଇ ଦିଅନ୍ତୁ, ପାଖେ ପାଖେ ରହି କହିଦିଅନ୍ତୁ କ'ଣ କଲେ ଏ ବିଶ୍ୱ ଖୁବ୍ ଶୀଘ୍ର ଆପଣଙ୍କୁ ପାଇବ ତଥା ସ୍ନେହ, ଶାନ୍ତିଭରା ଶୋଭନୀୟ ସମାଜଟିର ସୁଖୀ ଅଧିବାସୀଟିଏ ହେବ। ତୁମେ କହିଦିଅ। ନିଶ୍ଚେ କହିଦେବ! ଏହି ଅଳି ସହ ରହୁଛୁ - 'ତ୍ୱୟା ହୃଷିକେଶ ହୃଦି ସ୍ଥିତେନ, ଯଥା ନିଯୁକ୍ତୋଽସ୍ମି ତଥା କରୋମି।' ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ

**ଡଃ. ଅରୁନ୍ଧତୀ ଦେବୀ**, ନିର୍ଦ୍ଦେଶିକା - ସମ୍ପାଦିକା, ଆନ୍ତର୍ଜାତୀକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଖୋର୍ଦ୍ଧା ଜିଲ୍ଲାକୁ ସବୁଜ ସୁନ୍ଦର ଓ ପ୍ରଦୂଷଣମୁକ୍ତ କରିବା ଅଭିଯାନ ଉଦ୍‌ଘାଟିତ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଜିଲ୍ଲାକୁ ସବୁଜ, ସୁନ୍ଦର ଓ ପ୍ରଦୂଷଣମୁକ୍ତ କରିବା ଅଭିଯାନକୁ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନାମରେ ଏକ ବୃକ୍ଷରୋପଣ କରିବା ସହିତ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଏହି ସମ୍ପର୍କିତ ଲୋଗୋକୁ ଉନ୍ମୋଚନ କରି ଉଦ୍‌ଘାଟନ କରିଛନ୍ତି। ସାମାଜିକ ଅନୁଷ୍ଠାନ ପ୍ରେରଣା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ଶ୍ରୀ ଜ୍ୟୋତିନ୍ଦ୍ରନାଥ ମିତ୍ର ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ନାମରେ, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପରିବେଶବିତ୍ ଡଃ ଭଗବାନ ପ୍ରକାଶ ଜୟୀରାଜ ଗୁରୁଙ୍କ ନାମରେ, ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ଅଲେଖ ଚନ୍ଦ୍ର ପହି ଦଳବେହେରା ମାଧବ ଚନ୍ଦ୍ର ରାଉତରାୟଙ୍କ ନାମରେ, ବିଶିଷ୍ଟ ଶିକ୍ଷାବିତ୍ ତଥା ମହାବୀର ଗ୍ରୁପ୍ ଅଫ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡଃ ଗନ୍ଧର୍ବ ଚନ୍ଦ୍ର ନାୟକ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ନାମରେ, ପ୍ରେରଣାର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ କୃତିବାସ ପାଟଶାଣୀଙ୍କ ନାମରେ, ନିୟୁ ଥିଙ୍କିଙ୍ଗ ଫୋରମର ସଭାପତି ନରେନ୍ଦ୍ର ପୃଷ୍ଟି ଓ ସିଗ୍‌ମା ପବ୍ଲିକ ସ୍କୁଲ୍ ଗ୍ରୀନ୍ ଆର୍ମି ଶାଖାର ଛାତ୍ରଛାତ୍ରୀମାନେ ମହାପୁରୁଷମାନଙ୍କ ନାମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବୃକ୍ଷରୋପଣ କରିଥିଲେ। ଏହା ପରେ ଏକ ଶୋଭାଯାତ୍ରା ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାକୁ ସବୁଜ, ସୁନ୍ଦର ଓ ପ୍ରଦୂଷଣମୁକ୍ତ କରିବା ତଥା ବୃକ୍ଷରୋପଣ କରିବା ସମ୍ପର୍କରେ ନାରା ଦେଇ ପହଞ୍ଚିବା ପରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲାକୁ ସବୁଜ ସୁନ୍ଦର ଓ ପ୍ରଦୂଷଣମୁକ୍ତ କରିବା ଅଭିଯାନର ଲୋଗୋକୁ ଉନ୍ମୋଚନ କରି ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର କହିଲେ, ଖୋର୍ଦ୍ଧା ଜିଲ୍ଲାରେ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସମ୍ପୃକ୍ତ ଥିବାରୁ ଏହାର ଜନସଂଖ୍ୟା, କଳକାରଖାନା, ମଟରଗାଡ଼ି ଆଦି ଦିନକୁ ଦିନ ବଢ଼ିବାରେ ଲାଗିଛି। ତେଣୁ ସେହି ଅନୁପାତରେ ବ୍ୟାପକ ବୃକ୍ଷରୋପଣ କରାନଗଲେ ଜିଲ୍ଲାର ସବୁଜିମା ତଥା ପରିବେଶ ସୁରକ୍ଷା ହୋଇପାରିବ ନାହିଁ। ଏଥିପାଇଁ ସେ ନିଜ ଛାତ୍ର ଜୀବନରୁ ନିଜ ଗାଁରେ ସବୁଜ କ୍ଲବ ଗଠନ କରି କିପରି ବୃକ୍ଷରୋପଣ ମହାପୁରୁଷ ମାନଙ୍କ ନାମରେ କରୁଥିଲେ ତାହାର ଉଦାହରଣ ଦେବା ସହିତ ଜିଲ୍ଲାର ସମସ୍ତ ସ୍କୁଲ୍, କଲେଜ, ମହିଳା ସମିତି, କ୍ଲବ, ସାମାଜିକ ଅନୁଷ୍ଠାନ ତଥା ସାଧାରଣ ଜନତା ଏହି ମହାନ୍ ଅଭିଯାନରେ ସାମିଲ୍ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ପ୍ରେରଣାର ଅଧ୍ୟକ୍ଷ ଡଃ ଶ୍ରୀଚନ୍ଦନ ବକ୍ତବ୍ୟ ପ୍ରଦାନ କରି କହିଲେ, ଖୋର୍ଦ୍ଧା ଜିଲ୍ଲାର ସମସ୍ତବର୍ଗର ଜନସାଧାରଣ ତଥା ବିଭିନ୍ନ ସାମାଜିକ ତଥା ସାଂସ୍କୃତି ଅନୁଷ୍ଠାନର ଏହି ଅଭିଯାନକୁ ସଫଳ କରିବା ପାଇଁ ସହଯୋଗ କରିବା ନିମନ୍ତେ ସେ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡଃ ଭଗବାନ ପ୍ରକାଶ, ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ଶ୍ରୀ ପାହି, ଖୋର୍ଦ୍ଧା ବିଧାୟକ ଶ୍ରୀ ମିତ୍ର, ଶିକ୍ଷାବିତ୍ ଡଃ ଗନ୍ଧର୍ବ ନାୟକ, ନିୟୁ ଥିଙ୍କିଙ୍ଗ ଫୋରମର ସଭାପତି ଶ୍ରୀ ନରେନ୍ଦ୍ର ପୃଷ୍ଟି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଏହାକୁ ଏକ ଗଣଆନ୍ଦୋଳନରେ ପରିଣତ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଡଃ ଗନ୍ଧର୍ବ ନାୟକଙ୍କୁ ସବୁଜ ସଂଗ୍ରାମୀ ସମ୍ମାନ, ଡଃ ଶ୍ରୀନିବାସ ଘଟୁଆରୀଙ୍କୁ ଗ୍ରୀନ୍ ଆର୍ମି କମାଣ୍ଡାଣ୍ଟ , ସିଗ୍‌ମା ପବ୍ଲିକ ସ୍କୁଲ୍‌କୁ ଶ୍ରେଷ୍ଠ ଗ୍ରୀନ୍ ଆର୍ମି ସ୍କୁଲ୍, ଆସ୍‌ମା ସାମାଜିକ ଅନୁଷ୍ଠାନକୁ ସବୁଜ କ୍ଲବ ସମ୍ମାନ, ଇଦ୍‌ରିସ୍ ଖାନ ଓ ଦେବାଶିଷ ମହାନ୍ତିଙ୍କୁ ଗ୍ରୀନ ଆର୍ମି କମାଣ୍ଡାଣ୍ଟ ସମ୍ମାନ, ଖୋର୍ଦ୍ଧା ବିକାଶ ମଞ୍ଚର ନାରୀ ସମାଜସେବିକା ମାନଙ୍କୁ ଗ୍ରୀନ୍ କ୍ୟାପଟେନ ସମ୍ମାନ ତଥା ମହାବୀର ଗ୍ରୁପ୍ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଅଜୟ ସ୍ୱାଇଁଙ୍କୁ ବୃକ୍ଷପ୍ରେମୀ ଭାବେ ସମ୍ମାନିତ କରାଯାଇଥିଲା।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଅନୁଚିନ୍ତା





ଶରୀର ଓ ମନ- ଉଭୟର ସୁସ୍ଥତା ହିଁ ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି। ସେଥିପାଇଁ କୁହାଯାଏ ସ୍ୱାସ୍ଥ୍ୟବାନ ବ୍ୟକ୍ତି ପରିବାର, ସମାଜ, ରାଜ୍ୟ, ଦଶ ଓ ଦେଶର ମୁଖ ଉଜ୍ଜ୍ୱଳ କରିଥାନ୍ତି। ତେଣୁ କୁହାଯାଇଛି ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟ କିଣାବିକା ହୋଇପାରିବା ଜିନିଷ ନୁହେଁ। ପିତାମାତାଙ୍କ ଜୀବନର ସଂଯମତା ଓ ନିଷ୍ଠାପରତା ଉପରେ ଭବିଷ୍ୟତ ବଂଶଧରମାନଙ୍କ ଶାରୀରିକ, ମାନସିକ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ନିର୍ଭର କରିଥାଏ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆମେ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ। ଏକ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ପରିଷ୍କାର ପାନୀୟ, ଶୁଦ୍ଧ ପରିବେଶ, ଗୃହ ତଥା ଶଯ୍ୟା ଓ ବସ୍ତ୍ର ପ୍ରଭୃତିର ପରିଚ୍ଛନ୍ନତା ନିତାନ୍ତ ପ୍ରୟୋଜନ। ନିୟମିତ ଜୀବନଚର୍ଯ୍ୟା ଆଉ ଏକ ବଡ଼ କଥା। ଖାଦ୍ୟ ଓ ପାନୀୟ ଦୃଷ୍ଟିରୁ ତିନୋଟି ଶୁଦ୍ଧତା ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ। ଖାଦ୍ୟର ପ୍ରକାର ଓ ପରିମାଣ ଆଉ ଏକ ବିଚାର୍ଯ୍ୟ ବିଷୟ। ଖାଦ୍ୟ ସାତ୍ତ୍ୱିକ ହେବା ବିଧେୟ। ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ। ରାଜସିକ ଓ ତାମସିକ ଖାଦ୍ୟ ଦେହ ତଥା ମନ ପ୍ରତି ଭଲ ନୁହେଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ନିରାମିଷ ଭୋଜନ କରୁଥିବା ଲୋକମାନେ ନିରୋଗୀ ଓ ଦୀର୍ଘାୟୁ ବୋଲି ମତବ୍ୟକ୍ତ କରିଛନ୍ତି। ଏଠାରେ ପରିମାଣ କଥା ଭୁଲିଗଲେ ହେବ ନାହିଁ। ସାତ୍ତ୍ୱିକ ଖାଦ୍ୟ ହେଲେ ବି ଯଦି ଅଧିକ ପରିମାଣରେ ଗ୍ରହଣ କରାଯାଏ, ତେବେ ତାହା ତାମସିକତା ବା ଆଳସ୍ୟ ଭାବ ସୃଷ୍ଟି କରିଥାଏ। ତେଣୁ ମିତାହାର ଭୋଜନ କରିବା ସବୁବେଳେ ଭଲ। ମିତାହାରକୁ ଭଲ ଭାବେ ବୁଝାଇ କୁହାଯାଇଛି ଯେ, ପାକସ୍ଥଳୀର ଶତକଡ଼ା ପଚାଶ ଭାଗ ଖାଦ୍ୟରେ ପୂରଣ କରିବା ଉଚିତ୍, ଶତକଡ଼ା ପଚିଶ ଭାଗ ଜଳ ପାଇଁ ଓ ଶତକଡ଼ା ପଚିଶ ଭାଗ ପବନ ପାଇଁ ରଖାଯିବା ଉଚିତ। ଯେତେବେଳେ ଖାଇବ ଅଧାପେଟ ତାହା ମଣିଷକୁ କାର୍ଯ୍ୟକ୍ଷମ ରଖେ। ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଖାଦ୍ୟ ଗ୍ରହଣ କରାଗଲେ ସର୍ବୋତ୍ତମ ଫଳ ମିଳିଥାଏ।

ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ଘୋଷଣା କଲେ-ମାନସିକ ସ୍ୱାସ୍ଥ୍ୟ ହିଁ ଶାରୀରିକ ସ୍ୱାସ୍ଥ୍ୟର ପ୍ରଥମ ପାହାଚ। ଦୟାଳ ଦେଶରୁ ନିର୍ଗତ ଭାଷାରେ ପ୍ରକାଶ କଲେ-ମନଟା ଦୁଷ୍ଟ ହେଲେ ହିଁ ଜାଣିବ ରୋଗର ଆସ୍ଥାନ ହୁଏ, ଏଇଟାକୁ ତୁମେ ଏଡ଼ାଇ ଚାଲିବ କରିବ ବ୍ୟାଧିର ଜୟ। ପୁଣି ସେହି କମ୍ବୁକଣ୍ଠରୁ ଉଦ୍‌ଘୋଷିତ ହେଲା - ସ୍ୱାସ୍ଥ୍ୟଟିକୁ ନିୟନ୍ତ୍ରଣ କରି ଦୃଢ଼ତର, ରୁହ ତୁମେ ସୁଜାଗ୍ରତ ଓହେ ଅନୁକ୍ଷଣ, ପୂଜିବାରେ ଇଷ୍ଟଦେବେ ସାର୍ଥକ ଆଚାରେ, ନୀଚ ବୁଦ୍ଧି ଅହମିକା କରିବା ବର୍ଜନ। ସର୍ବ କାରଣ କାରଣ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ଛଳରେ ପ୍ରକାଶ କଲେ - ମନୁଷ୍ୟର ସ୍ୱାସ୍ଥ୍ୟର କଥା ଭାବିବାକୁ ଗଲେ ଜନ୍ମଦାତ୍ରୀ ମାତୃଗର୍ଭକୁ ଆସିବାର ପୂର୍ବ ଠାରୁ ଭାବିବାକୁ ହୁଏ। ପ୍ରଥମେ ଆବଶ୍ୟକ ଉପଯୁକ୍ତ ବିବାହ ଓ ଉପଯୁକ୍ତ ଦାମ୍ପତ୍ୟ ଜୀବନ। ପିତାମାତାଙ୍କର ବିବାହ ଓ ଦାମ୍ପତ୍ୟ ଜୀବନରେ ଯଦି ଅସଙ୍ଗତି ରହେ ତାହାହେଲେ ପିଲାପିଲିଙ୍କର ଶରୀର ଓ ମନ ସୁସ୍ଥ ହୋଇପାରେନାହିଁ। ମା'ମାନଙ୍କୁ ଜାଣିବା ଆବଶ୍ୟକ - ଗର୍ଭାବସ୍ଥାରେ କିଭଳି ଚାଲିବାକୁ ବା ରହିବାକୁ ହୁଏ। ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ଆଦର୍ଶପ୍ରାଣତା, ଇଷ୍ଟାନୁରାଗ, ପ୍ରୀତିପରାୟଣତା, ସଂଯମ, ସାଧନା, ଇଷ୍ଟ-କୃଷ୍ଟି-ଧର୍ମ ଓ ପୂର୍ବ ପୁରୁଷଙ୍କ ସ୍ମୃତି ମାଧ୍ୟମରେ ଯେଉଁ ସନ୍ତାନ ଜନ୍ମଲାଭ କରେ ସେମାନେ ସାଧାରଣତଃ ଶାରୀରିକ ଓ ମାନସିକ ଦିଗରେ ସ୍ୱାସ୍ଥ୍ୟବାନ ହୁଅନ୍ତି। ଏହିପରି ପିତାମାତାଙ୍କ ଠାରୁ ସନ୍ତାନ ସୁଷ୍ଠ ଜୈବୀ ସଂସ୍ଥିତିର ଅଧିକାରୀ ହୋଇଉଠେ ଓ ଜୈବୀ ସଂସ୍ଥିତି ହେଉଛି ଜୀବନର ଆକର। ଜାତକର ରୋଗ-ନିରୋଧ କ୍ଷମତା, ଆୟୁ ଓ ବର୍ଦ୍ଧନ ତତ୍ପରତା ଏହି ଜୈବୀ ସଂସ୍ଥିତି ଉପରେ ହିଁ ନିର୍ଭର କରେ। ଉକ୍ତ ବିମୁଖ ହେଲେ ମନୁଷ୍ୟର ଜୈବୀ ସଂସ୍ଥିତି ଧିରେ ଧିରେ ହ୍ରାସ ହୋଇଆସେ। ଆଜି ଲୋକମାନଙ୍କ ଶାରୀରିକ ସୁସ୍ଥତା ପାଇଁ ସରକାରୀ ଚିକିତ୍ସାଳୟରେ ଆବଶ୍ୟକୀୟ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ମାନସିକ ସ୍ୱାସ୍ଥ୍ୟ ନିମିତ୍ତ ଆବଶ୍ୟକୀୟ ମନ୍ଦିର, ମଠ, ମସଜିଦ୍ ଓ ଗୀର୍ଜା ମାନଙ୍କରେ ସଦ୍‌ଗୁରୁ, ସତ୍‌ଦୀକ୍ଷା ଓ ସତ୍‌ସଙ୍ଗର ପ୍ରଭୂତ ଆବଶ୍ୟକତା ରହିଛି। ତେବେ ଅନେକକ୍ଷେତ୍ରରେ ଦେଖାଯାଏ ଲୋକମାନଙ୍କ ଅସଚେତନତାରୁ ନିଜେ ନିଜର ସ୍ୱାସ୍ଥ୍ୟହାନିର କାରଣ ହୋଇଥାନ୍ତି। ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା କ୍ଷେତ୍ର ଠାରୁ ଆଧାତ୍ମିକ ନିରାମୟ ଜୀବନ ଗଠନ ପାଇଁ ନିଜ ଦାୟିତ୍ୱ ପ୍ରତି ସଚେତନ ରହିବାର ଉପଯୁକ୍ତ ଦିବସ। ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ସମସ୍ତଙ୍କ ଐକାନ୍ତିକ ନିଃସ୍ୱାର୍ଥପର ଦାୟିତ୍ୱ ସମ୍ପନ୍ନ ଦ୍ୱାରା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ବିଭାଗୀୟ ମୁଖ୍ୟ ଓ ପ୍ରଫେସର ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ରାଜଧାନୀରେ ଉତ୍କଳ ଦିବସ ପାଳିତ

ଭୁବନେଶ୍ୱର (ପିଏନ୍): ଓଡିଶା ପ୍ରଦେଶ ଗଠନର କର୍ଣ୍ଣଧାର ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେବ ଓ ପାରଳା ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ପକ୍ଷରୁ ରାଜଧାନୀରେ ପବିତ୍ର ଉତ୍କଳ ଦିବସ ପାଳିତ ହୋଇଯାଇଛି । ମାଲ୍ୟାର୍ପଣ ସଭାରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା। ସଭାରେ ସଭାପତିତ୍ୱ କରି ରାଜ୍ୟ ଗଠନରେ ସହାୟତା କରିଥିବା ବରପୁତ୍ରମାନଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ନିମାଇଁ ଚରଣ ଦାସ ଓ ନିରଂଜନ ଦାଶ, ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ସୁବ୍ରତ ମହାପାତ୍ର, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧୀ, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ମହେଶ୍ୱର ବିଶ୍ୱାଳ, ପ୍ରତାପ ନନ୍ଦ, ପ୍ରସନ୍ନ ରଥ, କ୍ଷେତ୍ରମୋହନ ନାୟକ, ସମରଂଜନ ମହାନ୍ତି, ଅକ୍ଷୟ ଜେଠୀ, ଦିପ୍ତିମୟୀ ନାୟକ, ପ୍ରକାଶ ସାମଲ, ଶରତ ଚନ୍ଦ୍ର ସାହୁ ଓ ରାମଚନ୍ଦ୍ର ସାମଲ ପ୍ରମୁଖ ଯୋଗ ଦେଇ ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜଣାଇଥିଲେ । ଶେଷରେ ସ୍ଲୋଗାନ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

# ରାହସ ଉତ୍ସବରେ ସଂକୀର୍ତ୍ତନ ସଂଘ ସମ୍ବର୍ଦ୍ଧିତ



ଯୋଡା (ପିଏନ୍): ପବିତ୍ର ଦୋଳ ପୂର୍ଣ୍ଣିମା ଅବସରରେ ଯୋଡା ବ୍ଲକ ରାମଚନ୍ଦ୍ରପୁର ଗ୍ରାମରେ ମହାଆଡମ୍ବର ସହକାରେ ରାହସ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୭ଦିନ ଧରି ହରିବଂଶ ପୋଥି ପାରାୟଣ ହୋଇଥିବା ବେଳେ ଠାକୁର ମଣ୍ଡଳୀକୁ ଯାତ୍ରା କରିଥିଲେ । ୨ଦିନ ଧରି ରାହସ ସଂକୀର୍ତ୍ତନ ମାଧ୍ୟମରେ ଶ୍ରୀକୃଷ୍ଣଙ୍କ ଲିଳାମୃତ ପରିବେଷଣ ପରେ ଉଦ୍‌ଯାପନୀ ସନ୍ଧ୍ୟାରେ ପୁନର୍ବାର ମନ୍ଦିରକୁ ବାହୁଡିଥିଲେ । ଏହି ରାହସ ସଂକୀର୍ତ୍ତନ ଉତ୍ସବରେ ଝୁମ୍ପୁରା ବ୍ଲକ ବସନ୍ତପୁର ସଂକୀର୍ତ୍ତନ ସମାଜ ଏବଂ ସ୍ଥାନୀୟ ରାମଚନ୍ଦ୍ରପୁର ସଂକୀର୍ତ୍ତନ ସମାଜର କଳାକାରମାନେ ଚିତାକର୍ଷକ ସଂକୀର୍ତ୍ତନ ପରିବେଷଣ କରିଥିଲେ । ବସନ୍ତପୁର ସଂକୀର୍ତ୍ତନର ସମାଜର କଳାକାରଙ୍କ ଦ୍ୱାରା ପରିବେଷିତ କାଳୀୟଦଳନ ନୃତ୍ୟ ନାଟିକା ଦେଖିବାକୁ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ସଂକୀର୍ତ୍ତନପ୍ରେମୀ ଓ ଦର୍ଶକ ରୁଣ୍ଡ ହୋଇଥିଲେ । ଉପସ୍ଥିତ ଜନତାଙ୍କୁ ଗ୍ରାମବାସୀଙ୍କ ତରଫରୁ ଅନ୍ନପ୍ରସାଦ ଏବଂ ପଞ୍ଚାମୃତ ବଣ୍ଟନ କରାଯାଇଥିଲା । ଏହି ଅବସରରେ ସଂକୀର୍ତ୍ତନକୁ ଲୋକାଭିମୁଖୀ କରିବା ସହିତ କଳାକାରମାନଙ୍କ ଉନ୍ନତି ସାଧନ ଉଦ୍ଦେଶ୍ୟରେ ଗଠିତ ହୋଇଥିବା କେନ୍ଦୁଝର ଜିଲା ରାହସ ସଂକୀର୍ତ୍ତନ ସଂଘକୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ଗ୍ରାମବାସୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘର ଯୁଗ୍ମ ସମ୍ପାଦକ ଧବଳେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ନିର୍ମଳ ଚନ୍ଦ୍ର ବାରିକ୍, ଉପସଭାପତି ସୁରେଶ ମହାକୁଡ ଏବଂ ରଶାନନ୍ଦ ବେହେରା, କୋଷାଧ୍ୟକ୍ଷ ଭଜମନ ବାରିକ୍, ଉପଦେଷ୍ଟା ବ୍ରହ୍ମେଶ୍ୱର ମହାକୁଡ, କାର୍ଯ୍ୟକାରିଣୀ ସଦସ୍ୟ ସଂକର୍ଷଣ ବେହେରା, ଘସରନାଥ ବେହେରା, ବିଶ୍ୱମ୍ଭର ବେହେରା, ସନ୍ତୋଷ ବାରିକ୍, ସୁଶାନ୍ତ ବାରିକ୍, କବିରାଜ ଗିରି, ବିରଞ୍ଚି ବାରିକ୍, ଆଇନ ପରାମର୍ଶଦାତା ଅଜିତ୍ କୁମାର ବାରିକ୍ ପ୍ରମୁଖ ଯୋଗଦେଇଥିଲେ । ଏହି ସଂକୀର୍ତ୍ତନ କଳା କିଭଳି ଜିଲା, ରାଜ୍ୟ ତଥା ଜାତୀୟ ସ୍ତରରେ ସ୍ୱୀକୃତିଲାଭ କରିବ ସେ ସମ୍ବନ୍ଧରେ ବିସ୍ତୃତ ଭାବେ ବୈଠକରେ ଆଲୋଚନା କରାଯାଇଥିଲା । ସଂକୀର୍ତ୍ତନ କାଳାକାରମାନଙ୍କ ବିକାଶ ଏବଂ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରିବା ଦିଗରେ ସଂଘର ଆଭିମୁଖ୍ୟ ନେଇ ସମ୍ପାଦକ ନିର୍ମଳ ଚନ୍ଦ୍ର ବାରିକ୍ ନିଜ ବକ୍ତବ୍ୟ ରଖିଥିଲେ । ରାହସ ସଂକୀର୍ତ୍ତନ ମାଧ୍ୟମରେ ଭଗବତ ଚେତନା ଜାଗ୍ରତ କରାଇ ସମାଜରୁ କୁସଂସ୍କାର ଦୂର କରିବା ଦିଗରେ ରାହସ ସଂକୀର୍ତ୍ତନ ସଂଘ ଜାଗ୍ରତ ପ୍ରହରି ଭାବେ କାର୍ଯ୍ୟ କରିବା ବୋଲି ଉପସଭାପତି ରଶାନନ୍ଦ ବେହେରା କହିଥିଲେ । ବରିଷ୍ଠ କଳାକାର କଳାକାନ୍ତ ବାରିକ୍, ଶ୍ରୀକାନ୍ତ ଆପଟ, ତ୍ରୀଲୋଚନ ବେହେରା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀମାନଙ୍କ ପକ୍ଷରୁ ଏହି ଅବସରରେ ସଂଘର କର୍ମକର୍ତ୍ତାଙ୍କୁ ଉପରି ଓ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଶତାୟୁ ସଂକୀର୍ତ୍ତନ କଳାକାର ମିତ୍ରଭାନୁ ବାରିକ୍‌ଙ୍କ ସହ ବରିଷ୍ଠ ସଂକୀର୍ତ୍ତନ କଳାକାର ଏବଂ ବହୁ ସଂକୀର୍ତ୍ତନ ପ୍ରେମୀ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିଲେ । ରାମଚନ୍ଦ୍ରପୁର ଗ୍ରାମର ରବୀନ୍ଦ୍ର ବାରିକ୍, ପୂର୍ଣ୍ଣଚନ୍ଦ୍ର ଖିଲାର, ଉଗ୍ରେସନ ଆପଟ, ଛତିଶ ଆପଟ, ରଂଜନ ବାରିକ୍, ସୁମନ୍ତ ବାରିକ୍, ତ୍ରୀନାଥ ଆପଟ, ରାଜୁ ଆପଟ ତଥା ସଂକୀର୍ତ୍ତନ ସମାଜ କଳାକାର ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ ।





## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ନେତାଜୀ ସୁଭାଷଙ୍କ ଆଦର୍ଶର ବିକଳ୍ପ ନାହିଁ : ଫରୱାର୍ଡ଼ ବ୍ଲକ୍

ଭୁବନେଶ୍ୱର,(ପି.ଏନ): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ ଦଳ 'ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ୍'ର ରାଜ୍ୟ ପରିଷଦ ବୈଠକ ଆଜି ୟୁନିଟ-୬ ସ୍ଥିତ ନେତାଜୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଫରୱାଡ଼ ବ୍ଲକ୍ର ରାଜ୍ୟ ସଭାପତି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ରାଜ୍ୟ ପରିଷର ବୈଠକରେ ପାର୍ଟିର ଜାତୀୟ ସଂପାଦକ ଜି. ଦେବରାଜନ୍ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବରେ ଯୋଗ ଦେଇ କହିଥିଲେ ସମଗ୍ର ଦେଶ ଗତ କିଛି ବର୍ଷ ଧରି ଦେଶରେ ବେକାରୀ ସମସ୍ୟା ଉତ୍କଟ ହେବାରେ ଲାଗିଛି । ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତିଭୂମିର ଅଭାବ ଫଳରେ ସାଧାରଣ ମଣିଷ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସ୍ୱାଧିନତାର ୭୫ ବର୍ଷ ପରେ ମଧ ମଣିଷ ବଂଚିବା ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହର ଯେଉଁ ସର୍ବନିମ୍ନ ଆବଶ୍ୟକତା ରହିଛି ତାହା ପୂରଣ କରିବା ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ବିଫଳ ହୋଇଛନ୍ତି । ଶ୍ରମଜିବୀ ମଣିଷ ପ୍ରତିଦିନ ଶୋଷଣର ଶିକାର ହେଉଛନ୍ତି । ସାରାଦେଶରେ ଦୁର୍ନିତୀ, ଭ୍ରଷ୍ଟାଚାର ବଢ଼ିବାରେ ଲାଗିଛି । ପେଟ୍ରୋଲ, ଡିଜେଲ୍, ଇନ୍ଧନ ଗ୍ୟାସ ସମେତ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ବୃଦ୍ଧି ଫଳରେ ସାଧାରଣ ମଣିଷ ଅସ୍ତବ୍ୟସ୍ତ ହୋଇପଡ଼ିଛି । କେନ୍ଦ୍ର ସରକାରଙ୍କ ବିମୁଦ୍ରୀକରଣ ଓ ଜି.ଏସ୍.ଟି. ଭଳି ଜନବିରୋଧି ନିଷ୍ପତି ଫଳରେ କ୍ଷୁଦ୍ର ବ୍ୟବସାୟୀ ଓ ସାଧାରଣ ଜନତା ଦିନକୁ ଦିନ ତଳିତଳାନ୍ତ ହେବାରେ ଲାଗିଛନ୍ତି । ଏସବୁ ସମସ୍ୟାର ସମାଧାନ ପାଇଁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଦର୍ଶର ବିକଳ୍ପ ନାହିଁ, ଭାରତବର୍ଷର ଜନଗଣ ନେତାଜୀଙ୍କ ଆଦର୍ଶର ପଥିକ ହୋଇ ଜନ ଆନ୍ଦୋଳନ ଗଢ଼ି ତୋଳିଲେ ଜନ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଫରୱାର୍ଡ଼ ବ୍ଲକ୍ର ରାଜ୍ୟ ସାଧାରଣ ସଂପାଦକ ଜ୍ୟୋତି ରଂଜନ ମହାପାତ୍ର ସଂଗଠନିକ ଓ ରାଜନୈତିକ ରିପୋର୍ଟ ଉପସ୍ଥାପନ କରିବା ସହ ଆସନ୍ତା ଅପ୍ରେଲ୍ ୮ ଓ ୯, ୨୦୨୨ରିଖ ଦୁଇଦିନ ଧରି ଫରୱାର୍ଡ଼ ବ୍ଲକ୍ର ଜାତୀୟ ପରିଷଦ ବୈଠକ ଭୁବନେଶ୍ୱର ଲୋହିଆ ଏକାଡ଼େମୀ ଠାରେ ଅନୁଷ୍ଠିତ ହେବ ବୋଲି ସୂଚନା ପ୍ରଦାନ କରିଥିଲେ । ଏହି ଜାତୀୟ ପରିଷଦ ବୈଠକରେ ଫରୱାର୍ଡ଼ ବ୍ଲକ୍ ପାର୍ଟି ସମ୍ବିଧାନରେ ପରିବର୍ତନ କରାଯିବା ସହ ଅନ୍ୟାନ୍ୟ ସଂଗଠନିକ ବିଷୟ ଏବଂ ଜନସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରାଯାଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରଦର୍ଶିତ ପଥରେ ପାର୍ଟିର ଆଗାମୀ ଦିନର ରଣନିତୀ ନିର୍ଦ୍ଧାରଣ କରାଯିବ ବୋଲି ପ୍ରକାଶ କରିଥିଲେ । ଫରୱାର୍ଡ଼ ବ୍ଲକ୍ର ରାଜ୍ୟ ଉପସଭାପତି ଗୋପାଳ ଚନ୍ଦ୍ର ଅଗ୍ରୱାଲ, ସଂପାଦକ ମଣ୍ଡଳୀ ସଭ୍ୟ ସର୍ବେଶ୍ୱର ମିଶ୍ର, ଜିତେନ୍ଦ୍ରୀୟ ବେହେରା, ରାଜ୍ୟ କମିଟି ସଭ୍ୟ ନାରାୟଣ ଡ଼ାଲୁଆ, ଲକ୍ଷ୍ମୀଧର ଗିରି, ସୁଶିଲ କୁମାର ଥାନପତି, ଆଲୋକ ମହାପାତ୍ର, ଗଦାଧର ଜେନା, ବିଜୟ ସାହୁ, ଲକ୍ଷ୍ମୀ ଦୋରା, ଗାୟତ୍ରୀ ନାଏକ, ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ବିଭିନ୍ନ ପ୍ରସ୍ତାବମାନ ଉପସ୍ଥାପନ କରିଥିଲେ ।

# କୋଦଳାର କାଉନସିଲରଙ୍କ ଶ୍ୱଶୁରଙ୍କୁ ମିଛ କେସରେ ଗିରଫ କରାଯାଇଛି

ଭୁବନେଶ୍ୱର, (ପି.ଏନ): ଗଂଜାମ ଜିଲ୍ଲା କୋଦଳାରେ ପୋଲିସ ଦ୍ୱାରା ବିଜେପି କାଉନସିଲରଙ୍କ ପରିବାରର ବରିଷ୍ଠ ସଦସ୍ୟ ତଥା କାଉନସିଲରଙ୍କ ଶ୍ୱଶୁରଙ୍କୁ ମିଛ କେସରେ ଚକ୍ରାନ୍ତ କରି ଗିରଫ କରାଯାଇଥିବା ଅଭିଯୋଗ କରିଛି ବିଜେପି । ଏହି ପ୍ରସଙ୍ଗରେ ବିଜେପିର ଏକ ପ୍ରତିନିଧି ଦଳ ଆଜି ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟି ଘଟଣା ସଂପର୍କରେ ବିସ୍ତୃତ ଭାବେ ଅବଗତ କରାଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଛି । କୋଦଳା ପୋଲିସର ଏଭଳି ଅପରାଧିକ କାର୍ଯ୍ୟକୁ ନେଇ ବିଜେପି ଏତଲା ଦାୟର କରିବ ବୋଲି ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ।ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ.ଲେଖାଶ୍ରୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନିଜସ୍ୱ ଗୃହ ଗଞ୍ଜାମ ଜିଲ୍ଲାରେ ବିଜେଡି ପ୍ରତି ଜନସମର୍ଥନ ହ୍ରାସ ପାଉଛି । ମୁଖ୍ୟମନ୍ତ୍ରୀ ନିଜ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିରେ ବିଜୁ ଜନତା ଦଳ ହାରୁ ହାରୁ ବଂଚିଛି । ଏହି କାରଣରୁ ଚିନ୍ତାରେ ଥିବା ଶାସକ ବିଜେଡି ଆଇନକୁ ହାତରେ ନେଇ ଅଗଣତାନ୍ତ୍ରୀକ କାର୍ଯ୍ୟ କରୁଛି । ଆଜି ଭୋର ସମୟରେ କୋଦଳା ଏନଏସିର ୨ ନମ୍ବର ୱାର୍ଡର କାଉନସିଲର ଝିଲି ପ୍ରଧାନଙ୍କ ଶ୍ୱଶୁର ଧନୁ ପ୍ରଧାନଙ୍କ ଘରକୁ ସାଧା ପୋଷାକଧାରୀ ପୋଲିସ ଘେରିଯାଇଥିଲେ । ସ୍ଥାନୀୟ ଥାନାର ଜଣେ ପୋଲିସ ଅଧିକାରୀ ଆଉ ଜଣଙ୍କ ସହିତ ବାଇକରେ ଆସି ସିଧାସଳଖ ଧନୁ ପ୍ରଧାନଙ୍କ ଘରକୁ ପଶିଥିଲେ । ପୋଲିସ ଅଧିକାରୀଜଣକ ତାଙ୍କ ପ୍ୟାଂଟ ପକେଟରେ ଧଳା କପଡାରେ ଥିବା ବନ୍ଧୁକକୁ ଅଟୋରେ ରଖି ଦେଇ ବାହାରି ଆସିଥିଲେ । କିଛି ସମୟ ଧରି ଫୋନରେ କଥାବାର୍ତା ହୋଇ ପୁଣି ଶ୍ରୀ ପ୍ରଧାନଙ୍କ ଘରକୁ ଯାଇ ବନ୍ଧୁକ ରଖିବାର ଅଭିଯୋଗରେ ଗିରଫ କରି ଥାନାକୁ ନେଇ ଯାଇଥିଲେ । ଏ ସମସ୍ତ ଘଟଣା ନିକଟରେ ଥିବା ସିସିଟିଭି କ୍ୟାମେରାରେ ଉତୋଳନ ହୋଇଛି । ଅବାଧ, ନିରପେକ୍ଷ ଓ ମୁକ୍ତ ନିର୍ବାଚନ ପରିଚାଳନା ଦାୟୀତ୍ୱରେ ସରକାରୀ ଅଧିକାରୀମାନେ ଶାସକ ବିଜେଡିର କର୍ମୀ ଭାବେ କାର୍ଯ୍ୟ କରୁଛନ୍ତି । ଏଭଳି ଅପରାଧିକ କାର୍ଯ୍ୟରେ ଲିପ୍ତ ଥିବା ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡ.ଲେଖାଶ୍ରୀ ଦାବୀ କରିଛନ୍ତି ।ନିର୍ବାଚନ କମିଶନରଙ୍କୁ ଭେଟିଥିବା ପ୍ରତିନିଧି ଦଳରେ ରାଜ୍ୟ ଉପସଭାନେତ୍ରୀ ଅନୀତା ଶୁଭଦର୍ଶିନୀ, ରାଜ୍ୟ ମୁଖପାତ୍ର ରମାରଂଜନ ବଳିୟାରସିଂହ ଓ ବିରଂଚି ତ୍ରିପାଠୀ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ ଦାସ, ଜିଲ୍ଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଂଜନ ପୋଲାଇ, ନବନିର୍ବାଚିତ କୋଦଳା ଏନଏସି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ, ହିତେଶ ମହାପାତ୍ର, ଘୁମୁସୁର ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ପ୍ରମୋଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଆଇନ୍ ଛାତ୍ରୀ ଆତ୍ମହତ୍ୟା ମାମଲାର ସଠିକ ତଦନ୍ତ ହେଉ :ଏବିଭିପି

ଭୁବନେଶ୍ୱର, ପି.ଏନ : କଟକ ସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଛାତ୍ରୀ ସୁରଭୀ ପଂଚପାଲ ଆତ୍ମହତ୍ୟା କରିବା ଘଟଣାର ସଠିକ୍ ତଦନ୍ତ ପାଇଁ ଦାବି କରିଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) । ଛାତ୍ରୀଜଣକ କ'ଣ ପାଇଁ ଆତ୍ମହତ୍ୟା କଲେ ତାର ସ୍ପଷ୍ଟତା ସାମ୍ନାକୁ ଆସିବା ଦରକାର ବୋଲି ଏବିଭିପି କହିଛି ।କଟକ ନରାଜ ଥରେ ଥିବାଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ସୁରଭୀ ପଂଚପାଲ ନାମକ ଜଣେ ଛାତ୍ରୀ ଆତ୍ମହତ୍ୟା କରିଥିବା କଥା କୁହାଯାଉଛି ।ସେ ଖଖଇ ଦ୍ୱିତୀୟବର୍ଷରଛାତ୍ରୀ ।ସେ ହରିୟାଣାର ପାନିପଥ ବାସିନ୍ଦା ।କିଛି ଦିନ ଧରି ସେ ମାନସିକ ଅବସାଦରେ ରହୁଥିଲେ । ଯାହାଫଳରେ ସେ ଆତ୍ମହତ୍ୟା କରିଛନ୍ତି ବୋଲି ସୂଚନା ମିଳିଛି । ଏବିଭିପିରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି, ତୁରନ୍ତ ଏହି ଘଟଣାର ଯାଂଚ ସଠିକ ଭାବରେ ହେଉ ବୋଲି ଦାବି କରିଛନ୍ତି । ଛାତ୍ରୀଜଣଙ୍କ କାହିଁକି ମାନସିକ ଦୁଶ୍ଚିନ୍ତାରେ ଥିଲା ଓ କାହିଁକି ଆତ୍ମହତ୍ୟା କଲେ ସେ ନେଇ ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରି ତାଙ୍କ ପରିବାରକୁ ନ୍ୟାୟ ଦିଆଯାଉ ବୋଲି ସେ ଦାବି କରିଛନ୍ତି ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣଙ୍କୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣଙ୍କୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ବାଂଶପାଣି ରେଳସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର

## ଡାମେଜ କଣ୍ଟ୍ରୋଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/ ୨୦୨୦ ଦଫା ୧୪୭/୧୪୮/ ୪୫୨/୩୨୩/୩୨୫/୪୩୬/ ୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗସ୍ତ ହୋଇଛି । ସ୍ଥାନୀୟ ଅଧୀବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ□କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଚ୍ଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣା ରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଘାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥ ରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅଞ୍ଚଳ ରେ ଭୟର ବା□ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାତ୍ର ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ ଯୋଡା ଥାନା ପୋଲିସ ଏଜାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଜାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି । ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧାଦେଶ ସଂଖ୍ୟା ୮୨୧୯-ଆଇ-ଲେଜିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୂରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

# ମଧୁଶାସନ ଗ୍ରାମର ଶ୍ରୀଦଧିବାବନଜୀଉଙ୍କ ସ୍ଥାବର,ଅସ୍ଥାବର ସମ୍ପ□ ହଡପ ଓ ଅର୍ଥ ଆତ୍ମସାତ ଅଭିଯୋଗ

କେନ୍ଦ୍ରାପଡା, (ପିଏନ)- ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ମଧୁଶାସନ ଗ୍ରାମର ଅଧିଷ୍ଠାତା ଶ୍ରୀ ଦଧିବାବନଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପ□ ହଡପ କରାଯିବା ସହ ଅର୍ଥ ଆତ୍ମସାତ କରାଯାଇଥିବା ମଧୁଶାସନ ଗ୍ରାମପଂଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ମଧୁଶାସନ ଗ୍ରାମର ଦୁର୍ଗା ପ୍ରସାଦ ଦାସ ନାମକ ଜନୈକ ବ୍ୟକ୍ତି ଚଂଚକତା କରି ଦେବୋ□ର ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତକରି ମଧୁଶାସନ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟବୋର୍ଡ ଗଠନ କରି ନିଜେ ସେହି ବୋର୍ଡର ସଭାପତି ଭାବେ ପ୍ରାୟ ବର୍ଷକରୁ ଉର୍ଦ୍ଧ୍ୱ ହେବ ରହିଛନ୍ତି । ସେ ଶ୍ରୀଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପ□କୁ ନିଜେ ଓ ନିଜର କିଛି ଅନ୍ଧ ସମର୍ଥକଙ୍କ ସହାୟତାରେ ହଡପ କରିବା ସହିତ ଶ୍ରୀଜୀଉଙ୍କ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି । ଶ୍ରୀଜୀଉଙ୍କ ପାଇଁ ବିଭିନ୍ନ ସମୟରେ ଦାତାମାନେ ଦାନ କରୁଥିବା ଅର୍ଥକୁ ମଧ୍ୟ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି । ଏପରିକି ଶ୍ରୀଜୀଉଙ୍କ ନାମରେ ଥିବା ସମ୍ପତି ମଧୁଶାସନ ମୌଜାର ଖାତା ନମ୍ବର - ୪୨୨,ପ୍ଲଟ ନମ୍ବର ୩୫୮୩ ଉପରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ୩ଟିକୁ ରାତାରାତି କାଟି ବିକ୍ରୀ କରିବା ସହ ଖାତା ନମ୍ବର ୧୨୯୯,ପ୍ଲଟ ନମ୍ବର ୫୩୧୫ ଓ ୫୩୧୬/୫୫୯୨ ଉପରୁ ବହୁ ଦିନର ମୂଲ୍ୟବାନ ୧୦ଟି ତାଳଗଛକୁ କାଟି ବିକ୍ରୀ କରିଦେଇଥିବା ଅଭିଯୋଗ ହୋଇଛି । ସେହି ଗଛ ସବୁର ମୂଲ୍ୟ ଆନୁମାନିକ ପ୍ରାୟ ଏକଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଅଭିଯୋଗକାରୀମାନେ ଏସମ୍ପର୍କରେ ଟ୍ରଷ୍ଟର ସଭାପତି ଶ୍ରୀ ଦାସଙ୍କୁ ପଚାରିବାରେ ଶ୍ରୀ ଦାସ ସେମାନଙ୍କୁ ଗୁଣ୍ଡା ଲଗାଇ ଧମକଚମକ ଦେବା ସହ ଜୀବନରୁ ମାରିଦେବାକୁ ଧମକପୂର୍ଣ୍ଣ ବାଣୀ ଶୁଣାଇଥିବା ଅଭିଯୋଗ ହୋଇଛି । ଏଥିସହିତ କେତେକ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ମିଛ କହି ଅଭିଯୋଗକାରୀମାନଙ୍କ ନାମରେ ଥାନାରେ ମିଥ୍ୟା ମାମଲା କରିବା ସହ ବିଭିନ୍ନ ମିଥ୍ୟା କେଶକରି ନାନା ପ୍ରକାର ଅସୁବିଧାରେ ପକାଉଥିବା ମଧ୍ୟ ଅଭିଯୋଗ ହୋଇଛି । ସେହି ଟ୍ରଷ୍ଟବୋର୍ଡରେ ଗରଦପୁର ତହସିଲଦାର ଓ ପାଟକୁରା ଥାନାର ଭାରପ୍ରାପ୍ତ ଇନିସପେକ୍ଟରଙ୍କୁ ସଦସ୍ୟ ଭାବରେ ରଖାଯାଇଥିବା ବେଳେ ଅଭିଯୋଗକାରୀଙ୍କ ପରିବାରର ୨/ ୩ଜଣଙ୍କ ନାମରେ ମିଥ୍ୟା ମାମଲା କରାଯାଉଥିବା ସହ ସେହି ପରିବାରର ମହିଳାମାନଙ୍କ ପ୍ରତି ଅସଦାଚରଣ କରିବାକୁ ମଧ୍ୟ ଟ୍ରଷ୍ଟର ସଭାପତି ପଛାଉନଥିବା ଅଭିଯୋଗ ହୋଇଛି । ସଂପୃକ୍ତ ସଭାପତି ଭୂବନେଶ୍ୱରରେ ରହୁଥିବା ବେଳେ ଗ୍ରାମର ଅଧିକାଂଶ ଲୋକଙ୍କୁ ବିଭିନ୍ନ ମାଲିମକଦ୍ଦମାରେ ଛନ୍ଦି ହଇରାଣ କରିବା ସହ ଶ୍ରୀଜୀଉଙ୍କ ସମ୍ପ□ କୁ ହଡପ କରିବା ଓ ଅର୍ଥକୁ ଆତ୍ମସାତ କରୁଥିବା ଯୋଗୁଁ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତିରେ ଘୋର ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅସିତ କୁମାର ମହାନ୍ତି,ସୁବାଷ ଚନ୍ଦ୍ର ପାତ୍ର,ସନ୍ତୋଷ ତ୍ରିପାଠୀ,ହିମାଂଶୁ ଦାସ,ଚନ୍ଦନ ମହାନ୍ତି,ମନୋଜ କୁମାର ଆଚାର୍ଯ୍ୟ,ଅମିତ କୁମାର ଦାସ,ତପନ ଶତପଥୀ,ମନୋରଞ୍ଜନ ଆଚାର୍ଯ୍ୟ,ସନାତନ ବାରିକ,ତାରକେଶ୍ୱର ତ୍ରିପାଠୀ,ପ୍ରମୋଦ କୁମାର ସାହୁ,ଚିତରଞ୍ଜନ ବାରିକ,ନିରଞ୍ଜନ ପଣ୍ଡା,ଭବାନିଶ ପଣ୍ଡା ପ୍ରମୁଖ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏଥିସହିତ ଅଭିଯୋଗକାରୀମାନେ ଦେବୋ□ର କମିଶନର,କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ,ଗରଦପୁର ତହସିଲଦାର ଓ ପାଟକୁରା ଥାନା ଅଧିକାରୀଙ୍କୁ ମଧ୍ୟ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି

# ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

# କୋଭିଡ ଲକଡାଉନ ସମୟରେ କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ବୁଲା କୁକୁର ଓ ପଶୁଙ୍କୁ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଖାଦ୍ୟ ପ୍ରଦାନ

କେନ୍ଦ୍ରାପଡା, (ପିଏନ)- କୋଭିଡ ଲକଡାଉନ ସମୟରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ ଅନୁଯାଇ ଗତ ଅପ୍ରେଲମାସ ୫ତାରିଖ ଠାରୁ ମଇମାସ ୧୭ତାରିଖ ପର୍ଯ୍ୟନ୍ତ ପୌରାଚଂଳ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ପଶୁମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଇଛି । ଏସମ୍ପର୍କରେ ବିଭାଗ ପକ୍ଷରୁ ଗତ ମାର୍ଚ୍ଚମାସ ୩୦ତାରିଖରେ ପତ୍ର ସଂଖ୍ୟା -୮୧୨୧ ପ୍ରାପ୍ତ ହେବା ପରେ ନିର୍ବାହୀ ଅଧିକାରୀ ଏକ ବୈଠକ ଗତ ଅପ୍ରେଲମାସ ୩ତାରିଖରେ ଆହ୍ୱାନ କରିଥିଲେ । ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଡା.ପ୍ରସନ୍ନ କୁମାର ପଟ୍ଟନାୟକ, ପଶୁ ସମ୍ପଦ ବିଭାଗର ଉପନିର୍ଦ୍ଦେଶକ ତଥା ନୋଡାଲ ଅଧିକାରୀ ଡା.ପ୍ରଶନ୍ନ କୁମାର ପରିଡା, ସିଡିଭିଓ କାର୍ଯ୍ୟାଳୟର ଜେ.ଏଫ.ଡି.ଓ. ଶରତ କୁମାର, ପୌରସଂସ୍ଥାର ସି.ଓ. ତପସ୍ୱିନୀ ଦାସ ପ୍ରମୁଖ ଯୋଗଦେଇଥିଲେ । ଏହି ବୈଠକର ନିଷ୍ପତି ଅନୁଯାଇ ଗତ ଅପ୍ରେଲମାସ ୫ତାରିଖରୁ ମଇମାସ ୧୭ତାରିଖ ମଧ୍ୟରେ ବୁଲା କୁକୁର ଓ ବୁଲା ପଶୁମାନଙ୍କୁ ଖାଦ୍ୟ ପ୍ରଦାନ ପାଇଁ କେନ୍ଦ୍ରାପଡା ସହରର ଜୟ ଶ୍ରୀରାମ ରାମଲିଳା କମିଟିକୁ ତିନିମୁହାଣି ଛକରେ ଖାଦ୍ୟ ପ୍ରଦାନ ପାଇଁ ୨୧ହଜାର ଟଙ୍କା, ପିପୁଲସ ଫର ଆନିମଲସ ଅନୁଷ୍ଠାନକୁ ସହରର ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ବୁଲା ପଶୁମାନଙ୍କୁ ଖାଦ୍ୟ ପ୍ରଦାନ ପାଇଁ ୧ଲକ୍ଷ ୫୪ହଜାର ୫୬୦ଟଙ୍କା ଓ କେନ୍ଦ୍ରାପଡା ସିଡିଭିଓଙ୍କୁ ୯ହଜାର ୪୪୦ଟଙ୍କାର ଗୋଖାଦ୍ୟ ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ପୌରସଂସ୍ଥାକୁ ୨ଟି କିସ୍ତିରେ ଏହି କାର୍ଯ୍ୟ ନିମନ୍ତେ ମୋଟ ୧ଲକ୍ଷ ୮୫ହଜାର ଟଙ୍କା ସରକାରୀ ଅନୁଦାନ ମିଳିଥିବା ବେଳେ ଉପରୋକ୍ତ ୨ଟି ଅନୁଷ୍ଠାନ ଓ ସିଡିଭିଓଙ୍କୁ ସେହି ଅନୁଦାନ ଅର୍ଥ ଓ ଗୋଖାଦ୍ୟ ପ୍ରଦାନ କରାଯାଇଥିବା ପୌରନିର୍ବାହୀ ଅଧିକାରୀ ଶ୍ରୀ ବଳ ସୂଚନା ଦେଇଛନ୍ତି ।

# ବିଧାୟକ ଅତନୁ ଭାଇଙ୍କ ଆଶୁ ଆରୋଗ୍ୟ କାମନା କରି ସମୁହ ଦୀପଦାନ

କେନ୍ଦ୍ରାପଡା (ପିଏନ)- କେନ୍ଦ୍ରାପଡା ଜିଲ୍ଲା ଯୁବ ସେବା ମଂଚ ପକ୍ଷରୁ ମଂଚର ପ୍ରତିଷ୍ଠାତା ସଂପାଦକ ଗୋପାଳ ଚରଣ ମହାପାତ୍ରଙ୍କ ନେତୃତ୍ୱରେ ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡାଙ୍କ ପୌରହିତ୍ୟରେ କେନ୍ଦ୍ରାପଡା ସହରର କଚେରୀ ରୋଡସ୍ଥିତ ବଡ ହନୁମାନଙ୍କ ଠାରେ ମଂଚ ପକ୍ଷରୁ ପୂର୍ବତନ ମନ୍ତ୍ରୀ ତଥା ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ଆଶୁ ଆରୋଗ୍ୟ କାମନା କରାଯାଇ ସମୂହ ଦୀପଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆଇନଜୀବି ସଂଜୟ କୁମାର ଜେନା, ଦିଲ୍ଲୀପ କୁମାର ଜେନା, ଲଲିତେନ୍ଦୁ ପଣ୍ଡା, ଶିକ୍ଷକ ନିରଞ୍ଜନ ମଲ୍ଲିକ, ଯୁବନେତା ଭୀମସେନ ବେହେରା, ବିଜୟ କୁମାର ମଣ୍ଡଳ, ମାନସ କୁମାର ସାହୁ , ସୁବାସ ସାହୁ, ରମେଶ ବାରିକ, ଦୀନବନ୍ଧୁ ସିଂ, ରାମଚନ୍ଦ୍ର ସେଠୀ, ସଚିନ୍ଦ୍ର ପ୍ରସାଦ ସିଂହ, ରମେଶ ଆଟୋଇ, ସେକ ହୀରା ପ୍ରମୁଖ ଉପସ୍ଥିତ ରହି ଦୀପଦାନ କରିବା ସହ ବିଧାୟକ ଶ୍ରୀ ନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ ।

# ସମ୍ଭାବନାଙ୍କୁ ସମ୍ବର୍ଦ୍ଧନା

କୋରେଇ, (ପିଏନ)- ପାଣିକୋଇଲି ମା ତାରିଣୀ ହାଇଅର ସେକେଣ୍ଡାରୀ ସ୍କୁଲର ଛାତ୍ରୀ ସମ୍ଭାବନା ସାହୁ +୨ କଳାରେ ସାରା ରାଜ୍ୟରେ ଟପର ହେବାର ଯୋଗତ୍ୟା ଅର୍ଜନ କରିଛନ୍ତି । ଏହା ପରେ ସମ୍ଭାବନଙ୍କୁ ଶୁଭେଚ୍ଛାର ସୁଅଛୁଟିଛି । ବିଭିନ୍ନ ରାଜନୈତିକ ଦଳ ଓ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଥିବା ବେଳେ ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆ । (ସିପିଏମ) ର ଭୁବନେଶ୍ୱରପୁର ଅଂଚଳିକ କମିଟି ପକ୍ଷରୁ ସମ୍ଭାବନାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି । ପାର୍ଟି କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ସାମାଜିକ ଦୂରତା ରକ୍ଷା କରାଯାଇ ସୁରେଶ ସାହୁଙ୍କ ସଭାପ୍ତିତ୍ୱରେ ଉପଢୌକନ, ମାନପତ୍ର ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯିବା ସହ ସମ୍ଭବନାର ଉତରୋତର ଉନ୍ନତୀ କାମନା କରାଯାଇଥିଲା । ପାଣିକୋଇଲି ବରିଷ୍ଠ ନାଗରିକ ମଂଚର ସାଧାରଣ ସମ୍ପାଦକ ତଥା ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସିପିଏମ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ କୁମାର ଦାସ ଭର୍ଚୁଆଲ ମାଧ୍ୟମରେ ଶୁଭେଚ୍ଛା ଜଣାଇଥିଲେ । ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଡା. ନିର୍ମଳ ରଥ, ଗଣେଷ ସାହୁ, ଶତାବ୍ଦୀ ସ୍ମରଣୀକା ସାହୁ ପ୍ରମୁଖ ଯୋଗଦେଇ ମାଧବାନନ୍ଦ ଫାଉଣ୍ଡେସନ ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ ।

ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Thursday April 07 ଭୁବନେଶ୍ୱର ଗୁରୁବାର, ଅପ୍ରେଲ ୦୭,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଶ୍ରୀମନ୍ଦିର ରୋଷଘର ଚୁଲି ଭଙ୍ଗା ଘଟଣା : କାର୍ଯ୍ୟାନୁଷ୍ଠାନ ଦାବିରେ ବିଜେପିର ବିକ୍ଷୋଭ

ଭୁବନେଶ୍ୱର, ୦୫ ଏପ୍ରିଲ - ଶ୍ରୀମନ୍ଦିରର ରୋଷଘରେ ଚୁଲି ଭାଙ୍ଗିବା ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଛି ବିଜେପି । ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ଭୁବନେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ସ୍ଥାନୀୟ ରାମ ମନ୍ଦିର ସମ୍ମୁଖରେ ବିକ୍ଷୋଗ ପ୍ରଦର୍ଶନ କରାଯାଇଛି। ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ସଭାପତି ବାବୁ ସିଂ କହିଛନ୍ତି ଓଡ଼ିଆ ଜାତିର ଅସ୍ମିତାର ପରିଚୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରସ୍ଥିତ ପବିତ୍ର ରୋଷଘର ଚୁଲି ଗୁଡ଼ିକ ଭାଙ୍ଗି ଦିଆଯିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ମହାପ୍ରଭୁ ଓଡ଼ିଶାବାସୀ ଏବଂ ସାରା ବିଶ୍ୱର ହିନ୍ଦୁ ସମାଜର ଆସ୍ଥା ଓ ବିଶ୍ୱାସର କେନ୍ଦ୍ର। ଶ୍ରୀମନ୍ଦିର ସହ ମହାପ୍ରଭୁଙ୍କ ମହାପ୍ରସାଦର ରହିଛି ଅନନ୍ୟ ସମ୍ପର୍କ । ରୋଷଘରର ଅବଢ଼ା ପ୍ରସ୍ତୁତ ହେଉଥିବା ଚୁଲିକୁ ଭାଙ୍ଗି ଦେଇ ମହାପ୍ରଭୁଙ୍କ ପ୍ରସାଦ ପ୍ରସ୍ତୁତିକୁ ବ୍ୟାଘାତ କରିବା ଦୁଃଖଦାୟକ। ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଭବିଷ୍ୟତରେ ଯେଭଳି ଏହି ଘଟଣାର ପୁନରାବୃତି ନ ହେବ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ ସଜାଗ ରହିବା ଜରୁରୀ । ନହେଲେ ଆଗାମୀ ଦିନରେ ବିଜେପି ତାର ବିକ୍ଷୋଭକୁ ଆହୁରି ଜୋରଦାର କରିବ ବୋଲି ଜିଲ୍ଲା ସଭାପତି ବାବୁ ସିଂ କହିଛନ୍ତି। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ରୋଷଘରେ ୪୦ରୁ ଅଧିକ ଚୁଲିକୁ ଭାଙ୍ଗି ଦିଆଯାଇଥିଲା। ପିଠାଆଡ଼ର ୧୫, ଥାଳି ଆଡର ୧୦/୧୨ଟି, ସାତପୁରୀର ୧୦/୧୨ଟି, ଅହିଆ(ଡ଼ାଲି, ତରକାରୀ ରନ୍ଧା ପାଇଁ ବଡ ଚୁଲି) ୨ଟା, କୋଠ ଭୋଗ ଚୁଲି ୨ଟା, ତୁଣ ସୁଆରଙ୍କ ୨ଟି ଚୁଲି ଆଦି ରହିଛି। ଗତକାଲି ବଡ଼ସିଂହାର ଭୋଗ ଶେଷ ପରେ ଏଭଳି କାଣ୍ଡ କେହି ଭିଆଇ ଥିବା ଅନୁମାନ କରାଯାଉଛି। ରୋଷ ଘରେ ସିସି ଟିଭି ଲାଗିଥିବାରୁ ଏହାର ବିଧିବଦ୍ଧ ଯାଂଚ ପାଇଁ ସେ ଦାବି କରିଛନ୍ତି।ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପି ପ୍ରଭାରୀ ଭୁବନ ମୋହନ ଜେନା, ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ,ଜିଲ୍ଲା ସାଧାରଣ ସମ୍ପାଦକ ଅଭିଷେକ ଆଚାର୍ଯ୍ୟ, ହିମାଂଶୁ ଶେଖର ଛୋଟରାୟ,ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ରାମଚନ୍ଦ୍ର ରଣ ସିଂ,ସୁଜାତା ଛୋଟରାୟ, ମଧୁସ୍ମିତା ପ୍ରଧାନ,ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ମନ୍ଦାକିନୀ ପାତ୍ର,ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଉପେନ୍ଦ୍ର ଭଞ୍ଜ,ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରଶ୍ମିରଞ୍ଜନ ମୁଦୁଲି,ଜିଲ୍ଲା ଉପସଭାପତି ରାଜେନ୍ଦ୍ର ଦାସ,ମାନସୀ ରାୟ ପ୍ରମୁଖ ଯୋଗଦେଇ ଥିଲେ।

# ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷାପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଧର୍ମଶାଳା ଛାତ୍ରୀ

ଧର୍ମଶାଳା,୬।୪(ପିଏନ୍): ନୂଆଦିଲୀ ଠାରେ ଅନୁଷ୍ଠିତ ପ୍ରଧାନମ'1ଙ୍କ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ସାମିଲ ହୋଇ ସଫଳତା ସାଉଂଟିଛି ଯାଜପୁର ଜିଲ୍ଲା ଧର୍ମଶାଳା ଅଂଚଳର ଛାତ୍ରୀ ଦିବ୍ୟା ଦାଶ । ପାଣିକୋଇଲିସ୍ଥିତ ନବୋଦୟ ବିଦ୍ୟାଳରେ ଏକାଦଶ ଶ୍ରେଣୀରେ ପାଠ ପଢୁଥିବା ଧର୍ମଶାଳା ବ୍ଲକ କୁମାରୀ ଗ୍ରାମର ଅଧ୍ୟାପକ ପ୍ରଭାତ ଦାଶଙ୍କ ଝିଅ ଦିବ୍ୟା ଦାଶ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ସହ ସିଧାସଳଖକଥା ହୋଇ ନିଜର ପ୍ରତିଭା ପ୍ରଦର୍ଶିତ କରିଥିଲେ । ଆଜାଦିକି ଅମୃତ ମହୋତ୍ସବ ଅବସରରେ ପ୍ରସ୍ତୁତ ଚିତ୍ରକଳା ପ୍ରଦର୍ଶିତ କରି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ । ସେଠାରୁ ସେ ଫେରିବା ପରେ ଛାତ୍ରୀ ଦିବ୍ୟାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା ଓ ସୁଭେଛାର ସୁଅ ଛୁଟୁଛି ।

# ବିଶ୍ୱବିଦ୍ୟାଳୟସ୍ତରୀୟ ନାଟକ ପ୍ରତିଯୋଗିତାରେ ଧର୍ମଶାଳା ଛାତ୍ରଙ୍କ କୃତୀତ୍ୱ

ଧର୍ମଶାଳା,୬।୪(ପିଏନ୍): ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଓଡିଶା ଆ'ଃ ବିଶ୍ୱବିଦ୍ୟାଳୟସ୍ତରୀୟ ନାଟକ ପ୍ରତିଯୋଗିତାରେ ଧର୍ମଶାଳା ଅଂଚଳର ଛାତ୍ର କୃତିତ୍ୱ ଅର୍ଜନ କରିଛି । ଏହି ପ୍ରତିଯୋଗିତାରେ ୧୫ଟି ବିଶ୍ୱବିଦ୍ୟାଳୟ ଭାଗ ନେଇଥିଲେ। ସେଥିରେ ରେଭେନସା ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଧର୍ମଶାଳା ଅଂଚଳର ଛାତ୍ର ସୁଜିତ୍ କଶ୍ୟପଙ୍କ ନେତୃତ୍ୱରେ ୪ ଜାଣିଆ ଦଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଦୁର୍ନତୀ ଉପରେ ଆଧାରିତ ନାଟକ 'ଦୋଷୀ କିଏ' ପରିବେଷଣ କରି ବିଚାରକ ମାନଙ୍କ ଦ୍ୱାରା ଶ୍ରେଷ୍ଠ ବିବେଚିତ ହୋଇଥିଲେ। ଏହି ଦଳ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲଙ୍କ ଠାରୁ ଟ୍ରଫି ଓ ନଗଦ ୩୦ ହଜାର ଟଙ୍କା ଗ୍ରହଣ କରିଥିଲେ। ସୂଚନା ଥାଉକି ଛାତ୍ର ଅବସ୍ଥାରୁ ସୁଜିତ୍ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଅଭିନୟ, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛି ।

# ପଥର ବୋଝେଇ ଟ୍ରକ ଜବତ

ଖୋର୍ଦ୍ଧା,୬।୪ (ପିଏନ):ବେଗୁନିଆ ଥାନା ଅନ୍ତର୍ଗତ କଡବ ପଂଚାୟତ ଅନ୍ତର୍ଗତ ଅଭିମାନପୁର ଗ୍ରାମ ନିକଟରେ ଆଜି ଅପରାହ୍ନରେ ବେଆଇନ ଭାବରେ ମାଙ୍କାଡା ପଥର ଚୋରା ଚାଲାଣ ଅଭିଯୋଗରେ ଏକ ମାଙ୍କଡା ପଥର ଟ୍ରକ ଜବତ ହେବା ସହ ଚାଳକକୁ ଚାଳକକୁ ଅଟକ ରଖାଯାଇଛି ।ସୂଚନା ମୁତାବକ ଓଆର ୦୨ ବିପି ୬୫୩୯ ନମ୍ବର ବିଶିଷ୍ଟ ପଥର ବୋଝେଇ ଟ୍ରକକୁ ଜବତ କରି ବେଗୁନିଆ ଥାନା ପରିସରକୁ ଆଣି ରଖିବା ସହ ସଂପୃକ୍ତ ଚାଳକକୁ ଅଟକ ରଖିଥିଲେ । ଏ ନେଇ ବେଗୁନିଆ ଥାନା ଅଧିକରୀ ଲକ୍ଷ୍ମୀ ପ୍ରସାଦ ଶତପଥିଙ୍କୁ ଯୋଗାଯୋଗରେ ଏହି ଘଟଣା ସମ୍ପର୍କରେ ଜାଣି ନଥିବାର ପ୍ରକାଶ କରିଥିଲେ ବୋଲି ଆମ ପ୍ରତିନଧିଙ୍କୁ କହିଛନ୍ତି ।

# 'ଓଡ଼ିଶାରେ ନିରନ୍ତର ବିକାଶ ପାଇଁ ୨୦୩୦ ଏଜେଣ୍ଡାର କାର୍ଯ୍ୟକାରିତା' ସମ୍ବନ୍ଧିତ ଦୁଇଦିନିଆ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଘାଟିତ


ଭୁବନେଶ୍ୱର, (୬,ପି.ଏନ): ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ମଧୁସୂଦନ ଦାସ ଆଂଚଳିକ ବିତୀୟ ପରିଚାଳନା ଏକାଡେମୀ ଠାରେ ଓଡ଼ିଶାରେ ନିରନ୍ତର ବିକାଶ ପାଇଁ ୨୦୩୦ ଏଜେଣ୍ଡାର କାର୍ଯ୍ୟକାରିତା ସମ୍ବନ୍ଧିତ ଦୁଇଦିନିଆ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗର ୫୧ ଜଣ ବରିଷ୍ଠ ଅଧିକାରୀଙ୍କୁ ନେଇ ଆୟୋଜିତ ଉକ୍ତ ପ୍ରଶିକ୍ଷଣ ଶିବିରକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର୍ ପ୍ରଦୀପ କୁମାର ଜେନା ଉଦ୍‌ଘାଟନ କରି କହିଥିଲେ ଯେ, ଓଡ଼ିଶାରେ ନିରନ୍ତର ବିକାଶ ପାଇଁ ୨୦୩୦ ଏଜେଣ୍ଡାର କାର୍ଯ୍ୟକାରିତା ଓ ସଫଳତା ହାସଲ ଦିଗରେ ବିଭିନ୍ନ ବିଭାଗର ବ୍ୟୟ ଅଟକଳରେ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ପ୍ରୋଗ୍ରାମ୍ ଅଧିକାରୀମାନଙ୍କ ପ୍ରମୁଖ ଭୂମିକା ରହିଛି। ସମ୍ପୃକ୍ତ ଅଧିକାରୀମାନେ ନିଜ ବିଭାଗରୁ ଏ' ଦିଗରେ ତତ୍ପରତାର ସହିତ କାର୍ଯ୍ୟ କରିବା ନେଇ ସେ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଶାରେ ନିରନ୍ତର ବିକାଶ ଲାଗି ଧାର୍ଯ୍ୟ ଲକ୍ଷ୍ୟ ସାଧନ ଦିଗରେ ବିବିଧ ପଦକ୍ଷେପ ଗ୍ରହଣ ଯଥା:- ଉତରପିଢ଼ୀଙ୍କ ପାଇଁ ଏକ ସୁସ୍ଥ ବାତାବରଣ ସୃଷ୍ଟି ଏବଂ ଜୀବନ ଧାରଣ ମାନ ବୃଦ୍ଧି ଦିଗରେ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ, ଜଳବାୟୁ ପରିବର୍ତନ ଓ ବିଶ୍ୱତାପନ ନିୟନ୍ତ୍ରଣ ପ୍ରଚେଷ୍ଟା, ଜୈବ ବିବିଧତା ସଂରକ୍ଷଣ, ଜଳ ସଂରକ୍ଷଣ, ଜୀବନଶୈଳୀ ପରିବର୍ତନ ଆଦି ଆହ୍ୱାନକୁ ମୁକାବିଲା ପାଇଁ ସେ ପରାମର୍ଶ ଦେଇଥିଲେ। ବନ୍ୟପ୍ରାଣୀ ଓ ମାନବସମାଜ ମଧ୍ୟରେ ସନ୍ତୁଳନ ରକ୍ଷା କରାଗଲେ ପୃଥିବୀରେ ଜୀବନଧାରଣ ଶତପ୍ରତିଶତ ପ୍ରକୃଷ୍ଟ ଏବଂ ଆଗାମୀ ପିଢ଼ୀଙ୍କ ପାଇଁ ମଧ୍ୟ ଜୀବନ ସୁଗମ ହୋଇପାରିବ ବୋଲି ଶ୍ରୀ ଜେନା ମତବ୍ୟକ୍ତ କରିଥିଲେ। ରାଜ୍ୟରେ ବିଗତ ଦିନମାନଙ୍କରେ ସଂଘଠିତ ବାତ୍ୟା ଓ ଅନିୟମିତ ବର୍ଷା ଆଦି ଅନୁଶୀଳନ କରି ଏହାର ନିରାକରଣ ଦିଗରେ ପଦକ୍ଷେପ ନିମନ୍ତେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ଉକ୍ତ ଉଦ୍‌ଘାଟନୀ ଉତ୍ସବରେ ଯୋଜନା ଓ ସଂଯୋଜନ ବିଭାଗର ଯୁଗ୍ମ ଶାସନ ସଚିବ ତଥା ରାଜ୍ୟ ଏସ୍.ଡି.ଜି. ନୋଡ଼ାଲ୍ ଅଧିକାରୀ ମନୀଷ ଅଗ୍ରୱାଲ୍ ଯୋଗଦେଇ ପ୍ରାରମ୍ଭିକ ସମ୍ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶକ ଡଃ. ବିଜୟ ଭୂଷଣ ନନ୍ଦ, ଯୋଜନା ଓ ସଂଯୋଜନ ବିଭାଗର ଅଧିକାରୀ ସୁନ୍ଦର ନାରାୟଣ ମିଶ୍ର, ଡଃ. ରମେଶ ଚେଲାନ୍ ପ୍ରମୁଖ ଏହି କର୍ମଶାଳାରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# କଂଗ୍ରେସ କର୍ମୀ ବୈଠକ

ଚଣ୍ଡିଖୋଲ, ୦୪/୦୪(ପି.ଏନ)- ବଡଚଣା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପ୍ରସିଦ୍ଧ ଶୈବପୀଠ ମହାବିନାୟକ ମନ୍ଦିର ପରିସରରେ ସଭାପତି ଉମେଶ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ କର୍ମ ବୈଠକ ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସ କର୍ମୀ ବୈଠକରେ ମୁଖ୍ୟ ଅତିଥି ଭାବେ ବଡଚଣାର କଂଗ୍ରେସ ନେତା ତଥା ରାଜ୍ୟ କଂଗ୍ରେସ ପଛୁଆ ବର୍ଗ ସେଲର ଉପାଧକ୍ଷ କ୍ୟାପ୍ଟେନ ରାଜନାରାୟଣ ମହାପାତ୍ର ଯୋଗ ଦେଇଥିଲେ। କର୍ମୀ ବୈଠକକୁ ପ୍ରାକ୍ତନ ବଡଚଣା ବ୍ଲକ ଚେୟାରମ୍ୟାନ ନିରଞ୍ଜନ ସାହୁ ସଂଚାଳନ କରିଥିଲେ। ଏଥିରେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ମାନଭଞ୍ଜନ ରାଉତରାୟ ନିର୍ବାଚିତ ସରପଂଚ ତନୁଶ୍ରୀ ଦାସ, ସମିତିସଭ୍ୟ କୁଳମଣି ବାରିକ, ପୂର୍ବତନ ସରପଂଚ ପ୍ରଫୁଲ ଦାସ, ସନ୍ତୋଷ ଜେନା, ପ୍ରବୀର ବଳ, ଧର୍ମରାଜ ମହାନ୍ତି, ଗୌରାଙ୍ଗ ଦାସ, ବରଦା



ପ୍ରସନ୍ନ ରାୟ, ପ୍ରଦୀପ୍ତ କୁମାର ମହାନ୍ତି, ଦୁସମ୍‌ତନ ଖିଲାର, ଦେବେନ୍ଦ୍ର ସାମଲ, ଅକ୍ଷୟ ରାଉତ, ସେକ ଫଜିଲ ହକ, ଫକୀର ମହାପାତ୍ର, ଧନଞ୍ଜୟ ତ୍ରିପାଠି, ଜୟପ୍ରକାଶ ବିଶ୍ୱାଳ, ଜୀବନାନନ୍ଦ ମହାପାତ୍ର, ଆଶିଷ ଧଳ, ଜନାର୍ଦ୍ଦନ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ବଡଚଣାର କଂଗ୍ରେସ ସଂଗଠନକୁ ଅଧିକ କ୍ରିୟାଶୀଳ କରି ସୁଦୃଢ କରିବା ପାଇଁ ସମସ୍ତ ଛାତ୍ର, ଯୁବକ, ମହିଳା ଓ ପୁରୁଖା କଂଗ୍ରେସ କର୍ମୀ ଏକଜୁଟ ହେବା ଦରକାର। ଦୀର୍ଘ ୨୨ ବର୍ଷ ଧରି ରାଜ୍ୟରେ ବିଜେଡି ସରକାର ହାଓା ମାରି ଶାସନ ଚଳାଉଛନ୍ତି । ଦେଖିବାକୁ ମିଳେ ବଡଚଣାରେ ବ୍ଲକ, ତହସିଲ, ଥାନା, ଗ୍ରାମ ଉନ୍ନୟନ ବିଭାଗ, ଜଳସେଚନ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ ଓ ରାସ୍ତା ଗୃହ ନିର୍ମାଣ ବିଭାଗରେ ମରି ରାୟ ନିତି ଚଳାଇ ଦୁର୍ନୀତିରେ ବୁଡି ରହିଛନ୍ତି। ବଡଚଣବ୍ଲକରେ ବ୍ୟାପକ ଧରଣର ଦୁର୍ନୀତି ଚାଲିଥିଲେ ହେଁ ସେଥିପାଇଁ ଉପରିସ୍ଥ ପ୍ରଶାସନର ନଜର ମଧ ପଡୁ ନାହିଁ। ଗାଁ ପୋଖରୀ, ପଂଚାୟତର ଖେଳପଡିଆ, ପ୍ରଧାନମନ୍ତ୍ରୀ ଆବାସ, ପ୍ରଧାନମନ୍ତ୍ରୀ ସଡକ ଯୋଜନା, ରାସ୍ତା କାମ ମଧ ନ୍ନ ମାନର କରି ବ୍ୟାପକ ଅର୍ଥ ହରିଲୁଟ ହୋଉଛି। ଆଜି ସାମସ୍ତ କଂଗ୍ରେସ କର୍ମୀ ସରକାରଙ୍କ ମେରି ରାୟ ନିତି ଓ ବ୍ୟାପକ ଧରଣର ଦୁର୍ନୀତି ବିରୁଦ୍ଧରେ ତୀବ୍ର ଭାବରେ ବିରୋଧ କରି ଜନ ଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ମୁଖ୍ୟ ତିଥି ଡ.ମହାପାତ୍ର ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅଚ୍ୟୁତବସନ୍ତ ପଂଚାୟତର ବଇନ ଦଳାଇ, ଭାଗବତ ଦଳାଇ, ଗୌରାଙ୍ଗ ଦଳାଇ, ସୌଭମ ଦଳାଇ, ଫଂଚୁ ଦାସ, ଦିଲିପ ମଳିକ, ଭିକାରୀ ମଳିକ ସମେତ ଅନ୍ୟ କେତେକ ବ୍ୟକ୍ତି ବିଜେଡି ଓ ବିଜେପି ଦଳ ପରିତ୍ୟାଗ କରି କ୍ୟାପ୍ଟେନ ମହାପାତ୍ରଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray